**ରାଜ୍ୟସ୍ତରୀୟ କ୍ରିକେଟ୍: ପିଏମ୍‌ସିଏ ବିଜୟୀ**

ତିଗିରିଆ,(ଡି.ଏନ୍.ଏ.) : ତିଗିରିଆ ବ୍ଲକ ଗଦାଧରପୁରସ୍ଥିତ ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଗଦାଧରପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଛି। ଶନିବାର ୨ୟ ଦିନରେ ବ୍ଲୁଷ୍ଟାରକୁ ୭ ଉଇକେଟ୍‌ରେ ପରାସ୍ତ କରି ପିଏମ୍‌ସିଏ ବିଜୟୀ ହୋଇଛି। ବ୍ଲୁଷ୍ଟାର ପ୍ରଥମେ ଟସ୍ ଜିତି ୨୧.୫ ଓଭରରେ ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ ପିଏମ୍‌ସିଏ ୯.୩ ଓଭରରେ ୩ ଉଇକେଟ୍ ହରାଇ ୧୬୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରାଜେଶ ନାୟକ ସର୍ବାଧିକ ୬୬ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ମୁଖ୍ୟ ଅତିଥିଭାବେ ତିଗିରିଆ ବ୍ଲକ ଆମ୍ବା ଅଧକ୍ଷ ହରେନ୍ଦ୍ର ଦଳେଇ ଯୋଗ ଦେଇଥିଲେ। ନରେଶ ରାଉତ ଓ କମଳାକାନ୍ତ ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସନରାଇଜ ଓ୍ୱାର୍କର୍ସ କ୍ଲବର ବାର୍ଷିକ ଉତ୍ସବ, ଇଡ୍‌କୋ ରିକ୍ରିଏଶନ ହଲ, ଇଡ୍‌କୋ କଲୋନୀ, ଭିଏସ୍‌ଏସ୍ ନଗର, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ୨. ପେନ୍ ଇନ୍ ବୁକ୍ସ ପକ୍ଷରୁ ଯୁବ ଲେଖକ ପୁରସ୍କାର, ଦି ପାର୍କ ପ୍ରିମିୟମ, ସତ୍ୟ ନଗର, ପୂର୍ବାହ୍ନ ୧୧ଟା।
- ୩. ଅବିକା ୨୦୨୧ କ୍ୟାଲେଣ୍ଡରର ଗ୍ରାଣ୍ଡ ଫିନାଲେ, ଦ ଓ୍ୱିସଡମ ଟ୍ରି ଗ୍ଲୋବାଲ ସ୍କୁଲର ଅଡିଟୋରିୟମ ହଲ, କଳିଙ୍ଗ ନଗର, ଘାଟିକିଆ, ଅପରାହ୍ନ ୪ଟା।
- ୪. ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ନେତାଜୀ ସୁଭାଷ ରାଷ୍ଟ୍ରୀୟ ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବାକୁ ପଦଯାତ୍ରା

**କଟକ ଅଫିସ, ୧୬।୧:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ପୁନଃ ମନୋନୀତ ହୋଇଥିବାରୁ ଯୁବ ବିଜେଡି କଟକ ମହାନଗର ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏଥିପାଇଁ ଯୁବ ବିଜେଡି କଟକ ମହାନଗର ସଭାପତି ମନୋଜିତ ଦାସଙ୍କ ନେତୃତ୍ୱରେ ଶନିବାର ଗୌରୀଶଙ୍କର ପାର୍କ ନିକଟରୁ ଏକ ପଦଯାତ୍ରା ବାହାରିଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଚୌଧୁରୀବଜାର ଦୁର୍ଗାମଣ୍ଡପଠାରେ ସମୂହ ଦୀପଦାନ କରାଯାଇଥିଲା। ଏହାପରେ ବିଜୁଭବନଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଙ୍କଜ ରାଉତ, କାଳୀପ୍ରସନ୍ନ ଦାସ, ମହମ୍ମଦ ଫିରୋଜ ରେହମାନ, ସେକ୍ ସୁଲେମାନ, ଚିନ୍ମୟ ସାହୁ, ସନ୍ତୋଷ ବେହେରା, ଭି. ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ଯୁବକ ମୃତ

**ଟାଙ୍ଗୀ,(କଟକ)୧୬।୧(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଏରାପାରି ବସ୍‌ଷ୍ଟାଣ୍ଡ ନିକଟରେ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଅବିନାଶ ଦାଶ(୧୮)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅବିନାଶ ହାଟ କାମ ସାରି ଟାଙ୍ଗୀ ବଜାରରୁ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଘରକୁ ଫେରୁଥିଲେ। ସେ ରାସ୍ତା ପାର ହେଉଥିବାବେଳେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଟାଙ୍ଗୀ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ସାହୁ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ପ୍ରଦାନ କରିଥିଲେ।

### ଚୋରା ମାଙ୍କଡ଼ାପଥର ବୋଝେଇ ଟ୍ରାକ୍ଟର ଜବତ

**ଖୁଣ୍ଟୁଣୀ,୧୬।୧(ଡି.ଏନ.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଦେଉଳିଆ ସଂରକ୍ଷିତ ଜଙ୍ଗଲରୁ ଶନିବାର ଅପରାହ୍ନରେ ଏକ ମାଙ୍କଡାପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ପରେ ଏହାକୁ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଦେଉଳିଆ ସଂରକ୍ଷିତ ଜଙ୍ଗଲ ରାସ୍ତାର କାମ ଜଣେ ଠିକାଦାର ନେଇଛନ୍ତି। ସେ ଉକ୍ତ ରାସ୍ତାରୁ ବାହାରୁଥିବା ମାଙ୍କଡା ପଥରକୁ ପାୱାରଟିଲର ସାହାଯ୍ୟରେ କାଟି ବିକ୍ରି କରୁଥିଲେ। ଆଠଗଡ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଖୁଣ୍ଟୁଣୀ ବନାଞ୍ଚଳର ଥିବା ବିଭିନ୍ନ ରିଜର୍ଭ ଜଙ୍ଗଲ ପରିଦର୍ଶନରେ ଯାଉଥିବାବେଳେ ଏହା ତାଙ୍କ ନଜରକୁ ଆସିଥିଲା। ଡିଏଫଓଙ୍କୁ ଦେଖି ପଥର ଚାଲାଣ କରୁଥିବା ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଏହି ଚଢାଉରେ ବନ ବିଭାଗ ସ୍କ୍ୱାଡ୍, ଖୁଣ୍ଟୁଣୀ ଫରେଷ୍ଟର ଅକ୍ଷୟ ପ୍ରଧାନ, ଗାର୍ଡ ଆଶିଷ ନାୟକ ଓ ରମାକାନ୍ତ ବଲବନ୍ତରାୟ ପ୍ରମୁଖ ସାମିଲ ଥିଲେ।

# ଏସ୍‌ସିବିରେ କରୋନା ଟିକାକରଣ ଶୁଭାରମ୍ଭ

**କଟକ ଅଫିସ, ୧୬।୧**

କଟକ ଏସ୍‌ସିବି ମେଡିକାଲ ସମେତ ଜିଲାର ୧୦ଟି କେନ୍ଦ୍ରରେ ଟିକାକରଣ କାର୍ଯ୍ୟକ୍ରମ ଶନିବାର ଶୁଭାରମ୍ଭ ହୋଇଛି। ଏସ୍‌ସିବି ମେଡିକାଲ କ୍ୟାମ୍ପସ୍‌ର ବିଏସ୍‌ସି ନର୍ସିଂ କଲେଜଠାରେ ଟିକାକରଣ କାର୍ଯ୍ୟକ୍ରମକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଏସ୍‌ସିବି ଅଧକ୍ଷ ଡା. ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ଲୁସି ଦାସ, ଡା. ଜୟନ୍ତ ପଣ୍ଡା, ଉମେଶ ରାୟ, ମନୋରଞ୍ଜନ ପଟ୍ଟନାୟକ, ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ଓ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ସିଟି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ କେ.କେ. ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ସମଗ୍ର ଦେଶରେ ଏହି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ପ୍ରଥମେ ମେଡିକାଲ ସଫେଇ କର୍ମଚାରୀ ଜଗତ୍‌ପୁର ନିବାସୀ ବର୍ଷା ଦେଇ ଟିକା ଗ୍ରହଣ କରିଥିଲେ। ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ଓ ସ୍ଥିତି ସମୀକ୍ଷା ପରେ କଟକ ଜିଲାପାଳ ଓ ସିଏମ୍‌ସି କମିଶନର ଭିଡିଓ କନ୍‌ଫରେନ୍ସ ଜରିଆରେ ଟିକା ଗ୍ରହଣ କରିଥିବା ବ୍ୟକ୍ତିଙ୍କ ସହିତ କଥା ହୋଇଥିଲେ। ଏଥିସହ ଟିକାକରଣ କେନ୍ଦ୍ରମାନ ବୁଲି ସ୍ଥିତି ପରଖିଥିଲେ। ଏସ୍‌ସିବି ମେଡିକାଲ, ସିଟି ହସ୍ପିଟାଲ, ଟାଙ୍ଗୀ ଓ ବଡମ୍ବା ମେଡିକାଲର ଟିକାକରଣ କେନ୍ଦ୍ରରେ ଶନିବାର ଶତପ୍ରତିଶତ ଟିକାକରଣ ହୋଇପାରିଛି। ତେବେ ଜିଲାର ୧୧ଟି ସେଣ୍ଟରରେ ୧୧୦୦ ଟିକାକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ୯୦୪ ଜଣଙ୍କୁ ଟିକା ଦିଆଯାଇଥିବା ଜଣାପଡିଛି। ସମଗ୍ର ଜିଲାରେ ସୁବ୍ୟବସ୍ଥା ସହ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଜିଲାପାଳ ଭବାନୀ ଶଙ୍କର ଚୟନି ଓ ସିଏମ୍‌ସି କମିଶନର ଅନନ୍ୟା ଦାସ ଟିକାକରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

- ପ୍ରଥମେ ମେଡିକାଲ ସଫେଇ କର୍ମଚାରୀ ଟିକା ନେଲେ
- ଜିଲାପାଳ, ସିଏମ୍‌ସି କମିଶନର ଟିକାକରଣ କେନ୍ଦ୍ର ସ୍ଥିତି ପରଖିଲେ



ମହାତ୍ମା ଗାନ୍ଧୀଙ୍କ କଟକ ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସିଡ଼ିଏ ନେତାଜୀ ସେତୁ ନିକଟ ନବ ନିର୍ମିତ ପାର୍କ ପରିସରରେ ସ୍ଥାପନ ହେବାକୁ ଥିବା ଗାନ୍ଧିଜୀଙ୍କ ସଭାଦୃଶ୍ୟର ବ୍ରୋଞ୍ଜ ପ୍ରତିକୃତି କଟକ କାଠଗଡା ସାହିର ଶିଳ୍ପୀ ଲକ୍ଷ୍ମୀଧର ରଣା ଓ ଶ୍ରୀକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ନିର୍ମାଣ ଚାଲିଛି।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

**କଟକ ଅଫିସ, ୧୬।୧**

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଶନିବାର କଟକ ମହାନଗର ନିଗମ ଅଧୀନ ୩ ଓ ୬ନଂ. ଓ୍ୱାର୍ଡ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ମା' ତାରିଣୀ ଉନ୍ନୟନ କମିଟି ଗୃହ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ବିଧାୟକ ତାଗିଦ କରିଥିଲେ। ସେହିପରି ୩ ନଂ. ଓ୍ୱାର୍ଡରେ ନିର୍ମାଣାଧୀନ ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପ ବୁଲିଦେଖିଥିଲେ। ଏହିଅବସରରେ ସିଡିଏ ଅଞ୍ଚଳର ବୀମାବିହାର ଓ ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିବା ସହିତ ଲୋକଙ୍କଠାରୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ପ୍ରଫୁଲ୍ଲ ପ୍ରଧାନ, ବିନୟ ଭୂଷଣ ମହାନ୍ତି, ପ୍ରମୋଦ ମିଶ୍ର, ଜ୍ଞାନେନ୍ଦ୍ର ନାଥ ଦାସ, ପ୍ରଦ୍ୟୋଷ ଦାସ, ଦୀପ୍ତିମୟୀ ନନ୍ଦ, ମୀନାକ୍ଷୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମଦ୍ ଭାଗବତ କଥାମୃତ

**କଟକ ଅଫିସ, ୧୬।୧**

ଶ୍ରୀମଦ୍ ଭାଗବତ ପୁନଃ ଉଦ୍ଧାର ସମିତି ପଶ୍ଚିମ କଟକ ପକ୍ଷରୁ ବିନୋଦ ବିହାରୀ, ବାଲୁବଜାର ପୂଜା କମିଟି ପରିସରରେ ଭାଗବତ କଥାମୃତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବକ୍ତା ଆଚାର୍ଯ୍ୟ ଅରୁଣ ଯୋଗଦେଇ ଶ୍ରୀମଦ୍ ଭାଗବତ ରସାମୃତ ବିଷୟରେ କହିଥିଲେ। ପ୍ରାରମ୍ଭରେ ରାହୁଲ ରାଉତରାୟ ଓ ରିତିକ୍ ରାଉତରାୟ ବେଦଶ୍ଳୋକ ଆବୃତ୍ତି କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନୂତନ ଶିଳ୍ପ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ସମାବେଶ

**ଚୌଦ୍ୱାର,୧୬।୧(ଡି.ଏନ୍.ଏ)**

ଦୀର୍ଘଦିନ ଧରି ବନ୍ଦ ରହିଥିବା ଚୌଦ୍ୱାରସ୍ଥିତ ବଲ୍ଲାରପୁର କାଗଜ କଳର ପୁନରୁଦ୍ଧାର କିମ୍ବା ଉକ୍ତ ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ଅଧୀନ ଚିତ୍ରେଶ୍ୱର ଗ୍ରାମସ୍ଥିତ ଗନ୍ଧର୍ବନାଥ ମନ୍ଦିର ପରିସରରେ ଶିଳ୍ପ ସୁରକ୍ଷା କମିଟି ପକ୍ଷରୁ ଆୟୋଜିତ ସମାବେଶରେ ପୌରପାଳିକାର ୪ଟି ଓ୍ୱାର୍ଡ, ୩ ପଞ୍ଚାୟତ ଏବଂ କାରଖାନା ଆଖପାଖ ଗ୍ରାମର ପ୍ରତିନିଧିମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଶିଳ୍ପ ସୁରକ୍ଷା କମିଟି ସଦସ୍ୟ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କିଛିମାସ ତଳେ ଶିଳ୍ପମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ଭେଟି ଉକ୍ତ କାରଖାନା ଓ ସ୍ଥାନୀୟ ଲୋକଙ୍କ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଗତ ଡିସେମ୍ବର ଶେଷ ସୁଦ୍ଧା ବ୍ୟକ୍ତିଗତ ଭାବେ କାରଖାନା ବୁଲି ଦେଖିବା ସହିତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମନ୍ତ୍ରୀ ମିଶ୍ର କମିଟି ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଧାର୍ଯ୍ୟ ସମୟସୀମା ଭିତରେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାରୁ ସୁରକ୍ଷା କମିଟି ଅସନ୍ତୋଷ ବ୍ୟକ୍ତ କରିଛି। ବଲ୍ଲାରପୁର କାରଖାନା ଜମି ଉପରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ନ ହେଲେ କାରଖାନାର ଇଞ୍ଚେ ହେଲେ ଜମି ବିକ୍ରି କିମ୍ବା ଅନ୍ୟକୁ ହସ୍ତାନ୍ତର ହେବାକୁ ଦିଆଯିବ ନାହିଁ ବୋଲି ସୁରକ୍ଷା କମିଟିର ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରିବାକୁ ସଦସ୍ୟମାନେ ଶପଥ ନେଇଥିଲେ। ଅଜୟ ବେହେରା, ମନୋରଞ୍ଜନ ସ୍ୱାଇଁ, ଲକ୍ଷ୍ମଣ ରାଉତ, ରମେଶ ଚନ୍ଦ୍ର ନାୟକ, ଛବି ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

**କୋଇଲା ଡିପୋରେ ଚଢ଼ାଉ**

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ହାର୍ଡକୋକ୍ ଜବତ, ୧୧ ଅଟକ

**ଚୌଦ୍ୱାର,୧୬।୧(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ନିକଟ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ବେଆଇନ କୋଇଲା ଡିପୋରେ ଶନିବାର ଏସ୍‌ଟିଏଫ ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରୁ ବିପୁଳ ପରିମାଣର ହାର୍ଡକୋକ୍, ୯ଟି କୋଇଲା ବୋଝେଇ ଟ୍ରକ ଓ ଗୋଟେ ଜେସିବି ମେଶିନ ଜବତ କରାଯାଇଛି। ଜବତ ହାର୍ଡକୋକ୍‌ର ଆନୁମାନିକ ମୂଲ୍ୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏସ୍‌ଟିଏଫ୍‌ର ଆଡିସିନାଲ ଏସ୍‌ପି ତେଜରାଜ ପଟେଲ କହିଛନ୍ତି। ଏହି ଘଟଣାରେ ଟ୍ରକଗୁଡିକର ଡ୍ରାଇଭର ଓ ହେଲ୍‌ପରଙ୍କୁ ମିଶାଇ ପ୍ରାୟ ୧୧ ଜଣଙ୍କୁ ଚୌଦ୍ୱାର ଥାନାରେ ଅଟକ ରଖାଯାଇଛି। ପଟେଲଙ୍କ ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ଏଠାରେ ବେଆଇନ ଭାବେ ଡିପୋ ଖୋଲାଯାଇ କୋଇଲା କାରବାର ଚାଲିଥିଲା। ଯାଜପୁରର ଏକ କମ୍ପାନୀରୁ ହାର୍ଡକୋକ୍ ବୋଝେଇ କରି ଛତିଶଗଡ଼ ଓ ରାୟପୁର ଅଞ୍ଚଳକୁ ଯାଉଥିବା ୮ଟି ଟ୍ରକ୍ ନୂଆପାଟଣାସ୍ଥିତ ଉକ୍ତ ଡିପୋକୁ ଆସିଥିଲା। ବିଶେଷ ସୂତ୍ରରୁ ଖବରପାଇ ଏସ୍‌ଟିଏଫ ଟିମ୍‌ର ଅଧିକାରୀମାନେ ଉକ୍ତ ଟ୍ରକର ପିଛା କରି ଏହି ଡିପୋରେ ପହଞ୍ଚିଥିଲେ। ସେଠାରେ ଡିପୋ ମାଲିକଙ୍କର ଅନ୍ୟଏକ ଟ୍ରକ ଥିବାବେଳେ ବହୁ ପରିମାଣର ବେଆଇନ ହାର୍ଡକୋକ୍ ମହଜୁଦ ଥିବା ଦେଖିବାକୁ ପାଇଥିଲେ। ତେବେ ଚଢାଉବେଳେ ଏହି ଡିପୋଟି ବେଆଇନ ଭାବେ ଚାଲୁଥିବା ପଟେଲ କହିଛନ୍ତି। ଚଢାଉରେ ଏସ୍‌ଟିଏଫ ଡିଏସ୍‌ପି ପ୍ରବୀଣ ତ୍ରିପାଠୀ, ଆଇଆଇସି ଅଶୋକ କୁମାର ଗିରି, ଏନ୍.କେ. ଦାସଙ୍କ ସମେତ ଚୌଦ୍ୱାର ଥାନାର ଅଧିକାରୀମାନେ ସାମିଲ ହୋଇଥିଲେ।

# କୋଭିଡ୍ ଯୋଦ୍ଧାଙ୍କୁ କରୋନା ଟିକା

**ବାଙ୍କୀ/ଆଠଗଡ଼/ସାଲେପୁର/ ଟାଙ୍ଗୀ, (କଟକ),୧୬।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଶନିବାର କୋଭିଡ୍ ଟିକାକରଣର ଶୁଭାରମ୍ଭ ହୋଇଛି। ଉପଜିଲାପାଳ ରଞ୍ଜନ କୁମାର ଜେନା ଉପଖଣ୍ଡ ଚିକିତ୍ସାଳୟ ମୁଖ୍ୟ ଚିକିତ୍ସକ ମୃତ୍ୟୁଞ୍ଜୟ ମହାପାତ୍ର ଓ ବରିଷ୍ଠ ଡାକ୍ତର ଧୁଳେଶ୍ୱର ପ୍ରଧାନଙ୍କ ଉପସ୍ଥିତିରେ "କୋଭିଶିଲଡ୍" ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ୮୦ ଜଣ ଡାକ୍ତର, ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କୁ ଟିକା ଦିଆଯାଇଥିଲା। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଉପଜିଲାପାଳ ଅଜାମ୍ବର ମହାନ୍ତି ଓ ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ଦ୍ୱାରା ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କୁ ମିଶାଇ ମୋଟ୍ ୮୫ ଜଣଙ୍କୁ ଟିକା ଦିଆଯାଇଛି। ସେହିପରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦ ଜଣ କର୍ମଚାରୀଙ୍କୁ ଟିକା ଦିଆଯାଇଛି। ଡ. ଶରଣ କୁମାର ମହାନ୍ତି, ଡ.ବିଜୟ କୁମାର ପ୍ରଧାନ, ଫାର୍ମାସିଷ୍ଟ ଅନ୍ତର୍ଯାମୀ ଲେଙ୍କା ଓ ଷ୍ଟାଫ୍ ନର୍ସ ମୋନାଲିସା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କଟକ ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଓ ଆଶାକର୍ମୀଙ୍କ ମଧ୍ୟରୁ ମୋଟ୍ ୧୦୦ଜଣ କରୋନା ଟିକା ଦିଆଯାଇଥିବା ଭାରପ୍ରାପ୍ତ ଅଧିକାରୀ କହିଛନ୍ତି।

# ଇନଟାକ୍‌ର ମୁଖପତ୍ର 'ଐତିହ୍ୟ' ଉନ୍ମୋଚିତ



**ଭୁବନେଶ୍ୱର,୧୬।୧**

ଇନଟାକ୍‌ର ମୁଖପତ୍ର ରାଜ୍ୟ ସଂଗ୍ରହାଳୟ ଭବନରେ ଥିବା କାର୍ଯ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱର ଆବାହକ ତଥା ପ୍ରସାର ଭାରତୀର ପୂର୍ବତନ ଅତିରିକ୍ତ ଶାସନ ସଚିବ ବୈକୁଣ୍ଠନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଇନଟାକ୍‌ର ରାଜ୍ୟ ଆବାହକ ତଥା ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଓ ପୂର୍ବତନ ଗୃହ ସଚିବ ସଞ୍ଜୀବ ଚନ୍ଦ୍ର ହୋତା ଏହାକୁ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣ, ଅନୀଲ ଧୀର, ମଲ୍ଲିକା ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଇନଟାକ୍ ଭୁବନେଶ୍ୱର ଚାପ୍ଟର ସହ ଆବାହକ ଡ.ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭି-ଗାର୍ଡ ପକ୍ଷରୁ ୩ ସରକାରୀ ବିଦ୍ୟାଳୟ ପୁନରୁଦ୍ଧାର




**ଭୁବନେଶ୍ୱର ୧୬।୧**

ଗତ ଫନି ବତ୍ୟାରେ କ୍ଷତିଗ୍ରସ୍ତ ସ୍କୁଲ୍‌ର ମରାମତି କରୁଛି ଘରୋଇ କମ୍ପାନୀ ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍। ପୁରୀ ଓ ଖୋର୍ଦ୍ଧାର ୩ଟି ସ୍କୁଲ୍‌ର ପୁନରୁଦ୍ଧାର ପାଇଁ କମ୍ପାନୀ ପକ୍ଷରୁ ୫୪ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଉକ୍ତ ସ୍କୁଲ୍‌ଗୁଡ଼ିକ ହେଲା ପୁରୀ ଜିଲା ମାଳତୀପାଟପୁର କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟ, ଡେଲାଙ୍ଗ ବ୍ଲକର କଲ୍ୟାଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଖୋର୍ଦ୍ଧା ଜିଲା ଲାଲବାହାଦୁର ସରକାରୀ ବିଦ୍ୟାଳୟ। କମ୍ପାନୀର ସିଏସ୍‌ଆରଇ କାର୍ଯ୍ୟକ୍ରମ ଜରିଆରେ ଓ୍ୱାର୍ଲଡ ଭିଜନ ସହଯୋଗରେ କଲ୍ୟାଣପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଓ କ୍ଷେତ୍ରପାଳ ସରକାରୀ ଉଚ୍ଚ-ପ୍ରାଥମିକ ବିଦ୍ୟାଳୟର ପୁନଃଉଦ୍ଧାର କରାଯାଇଛି। ଗତ ଶୁକ୍ରବାର ଉକ୍ତ ୨ ସରକାରୀ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଭି-ଗାର୍ଡର ଶାଖା ପରିଚାଳକ ସୁମନ୍ତ କୁମାର ପ୍ରଧାନ, ଆସିଷ୍ଟାଣ୍ଟ ଡାଇରେକ୍ଟର ଓ୍ୱାଲର୍ଡ ଭିଜନ ଇଣ୍ଡିଆ ମିଷ୍ଟର ଲିଣ୍ଡୋଙ୍କ ସମେତ ବିଇଓ, ସିଆରସିସି ଏବଂ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ତିଗିରିଆ ଜୁଡିସିଆଲ କୋର୍ଟର ପ୍ରତିଷ୍ଠା ଦିବସ

**ତିଗିରିଆ, ୧୬।୧(ଡି.ଏନ୍.ଏ.)**

ତିଗିରିଆ ଜୁଡିସିଆଲ କୋର୍ଟ ପରିସରରେ ଶନିବାର ତିଗିରିଆ ବାର ଆସୋସିଏଶନ୍ ତରଫରୁ ଜୁଡିସିଆଲ କୋର୍ଟର ୭ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଗୋପାଳକୃଷ୍ଣ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ବାସୁଦେବ ପୂଜାରୀ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଓକିଲମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ତିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳ କୃଷ୍ଣ ଦାସ ଏଥିରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

## ଫଟୋରେ ଖବର...



ଭୁବନେଶ୍ୱର ସିଆରପିଏଫ୍ ହନୁମାନ ମନ୍ଦିରରେ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ସ୍ୱନ୍ଦନ'ର ଶୁଭ ମହୁରତ କାର୍ଯ୍ୟକ୍ରମରେ ଅଭିନେତ୍ରୀ, ଅଭିନେତାଙ୍କ ସହ ଅନ୍ୟମାନେ।




ଶିଶୁ ଶ୍ରମିକ ଓ ଶିଶୁଙ୍କ ଭିକ୍ଷାବୃତ୍ତିକୁ ବିରୋଧ କରି ଇନ୍‌ସାନିୟାତ୍ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

# ସ୍କୁଲ ଫି' ଛାଡ଼ ଦ୍ୱନ୍ଦ୍ୱ ନ ରହୁ

**ଭୁବନେଶ୍ୱର, ୧୬।୧:** ହାଇକୋର୍ଟ ସ୍କୁଲ ଫି' ବିବାଦରେ ସମସ୍ତ ପକ୍ଷଙ୍କ ଠାରୁ ଯୁକ୍ତି ଶୁଣିବା ପରେ ଗତ ୭ତାରିଖରେ ରାୟ ପ୍ରକାଶ କରିଛନ୍ତି। ମାମଲାର ଶୁଣାଣି ସମୟରେ କୋଭିଡ୍-୧୯ ମହାମାରୀ ସମୟରେ ସ୍କୁଲ୍ ଫି' ଛାଡ଼ କରିବାକୁ ରାଜ୍ୟର ଶୈକ୍ଷିକ ନିୟମାବଳୀରେ କୌଣସି ଧାରାରେ ଉଲ୍ଲେଖ ନ ଥିବା ରାଜ୍ୟ ସରକାର ସ୍ପଷ୍ଟ ଭାବେ କୋର୍ଟଙ୍କୁ ଅବଗତ କରିଥିଲେ। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଗୁଡ଼ ତର୍ଜମା କରି ରାୟ ପ୍ରକାଶ କରିଛନ୍ତି ବୋଲି ଘରୋଇ ସ୍କୁଲ ମହାସଂଘ ସାଧରଣ ସମ୍ପାଦକ ସତ୍ୟବ୍ରତ ମୀନକେତନ ଏକ ପ୍ରେସ୍ ଇସ୍ତାହାର ଜରିଆରେ କହିଛନ୍ତି। ମୀନକେତନଙ୍କ କହିବା ହେଲା, ୨୦୦୨ ମସିହା ଟିଏମ୍ଏ ପାଇ ମାମଲାରେ ଦିଆଯାଇଥିବା ରାୟକୁ ଆଧାର କରି ହାଇକୋର୍ଟ ସ୍ପଷ୍ଟ ଭାବରେ କରିଛନ୍ତି ଯେ, ୧୪ଜଣ ସ୍ୱାକ୍ଷର କରିଥିବା ବୁଝାମଣା ପତ୍ର (ଏମଓୟୁ) ଆଧାରରେ କୋଭିଡ-୧୯ ମହାମାରୀ ସମୟରେ ସ୍କୁଲ ଫି' ଛାଡ ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଦେଶ ଦେଇପାରିବେ ନାହିଁ। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୬ରେ ହୋଇଥିବା ରିଜୋଲ୍ୟୁଶନ କାର୍ଯ୍ୟକାରିତା ଉପରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି କୋର୍ଟ କହିଛନ୍ତି। ଏତଦବ୍ୟତୀତ ଏହା ମଧ କୋର୍ଟ କହିଛନ୍ତି ଯେ, ଯଦି ଏ ବାବଦରେ କୌଣସି ପକ୍ଷ ପାଇଁ ସମସ୍ୟା ହୁଏ ତେବେ ଏହାକୁ ଅନ୍ୟ ଏକ ମକଦ୍ଦମା ଦ୍ୱାରା ନ୍ୟାୟ ପାଇଁ ଆବେଦନ କରିପାରିବେ। ତେଣୁ ହାଇକୋର୍ଟଙ୍କ ରାୟକୁ ନେଇ କୌଣସି ଦ୍ୱନ୍ଦ୍ୱ ନ ରହୁ ବୋଲି ଘରୋଇ ସ୍କୁଲ ମହାସଂଘ ସଭାପତି, ସାଧାରଣ ସମ୍ପାଦକ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ ଜନସାଧାରଣଙ୍କୁ ସ୍ପଷ୍ଟ କରଛନ୍ତି।

# ଆମ୍ସାର ଆଇନ ଉଲ୍ଲଂଘନ ଅଭିଯୋଗ

**ପୁରୁଣାଭୁବନେଶ୍ୱର,୧୬।୧(ଡି.ଏନ୍.ଏ.):** ଏକାମ୍ର ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ନିର୍ମାଣ ଓ ଖନନ କାର୍ଯ୍ୟରେ ଆମ୍ସାର(ଆନସିଏଣ୍ଟ ମନୁମେଣ୍ଟସ ଆଣ୍ଡ ଅର୍କୋଲୋଜିକାଲ ସାଇଟସ ଆଣ୍ଡ ରିମେନସ) ଆଇନ ଉଲ୍ଲଂଘନ କରାଯାଉଥିବା ନେଇ ଶନିବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଜିଲାପାଳ ଓ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଛି। ଅନନ୍ତ ବାସୁଦେବ ମନ୍ଦିର ଏବଂ ସୁବର୍ଣ୍ଣ ଜଳେଶ୍ୱର ମନ୍ଦିରର ମଧବର୍ତ୍ତୀ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ନିର୍ମାଣ ଓ ଖନନ କାର୍ଯ୍ୟ କରାଯାଉଛି। ଫଳରେ ନିକଟ ମନ୍ଦିର ଓ ସ୍ଥାପତ୍ୟ ପ୍ରତି ବିପଦ ସୃଷ୍ଟି କରୁଛି। ସରକାର ଆମ୍ସାର ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ନ କଲେ ମଞ୍ଚ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ସୂଚନାଥାଉ କି, କୌଣସି ପରିସ୍ଥିତିରେ ଐତିହ୍ୟ ଅଞ୍ଚଳର ପ୍ରୋହିବିଟେଡ ଏବଂ ରେଗୁଲେଟେଡ ଏରିଆ ମଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ୍ସାର ଆଇନ ଉଲ୍ଲଂଘନ କରି କାର୍ଯ୍ୟ କରାଯାଇପାରିବ ନାହିଁ। ଅବମାନନା କଲେ ୨ବର୍ଷ ଜେଲ ଦଣ୍ଡ ସହିତ ଜରିମାନା ବ୍ୟବସ୍ଥା ରହିଛି।



## ସରିଲା ନୃତ୍ୟ ମହାକୁମ୍ଭ 'ମୁକ୍ତେଶ୍ୱର ଉତ୍ସବ'

ଭୁବନେଶ୍ୱରଠାରେ ଚାଲିଥିବା ଓଡ଼ିଶୀ ନୃତ୍ୟର ମହାକୁମ୍ଭ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ'ର ଶନିବାର ଶେଷ ସନ୍ଧ୍ୟାରେ ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରୁଛନ୍ତି।

# ଶେଷ ସନ୍ଧ୍ୟାରେ ପ୍ରଣୟ, ମୃତ୍ୟୁର କାହାଣୀ

**ଭୁବନେଶ୍ୱର, (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର ୧୬।୧(ଡି.ଏନ୍.ଏ)**

ପ୍ରଣୟ ଓ ମୃତ୍ୟୁର କାହାଣୀ ସହ ଉଦ୍ଯାପିତ ହୋଇଛି ଓଡ଼ିଶୀ ନୃତ୍ୟର ମହାକୁମ୍ଭ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ'। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଶନିବାର ସନ୍ଧ୍ୟାରେ ଭରପୂର ଦର୍ଶକ ଉପଭୋଗ କରିଥିଲେ। ଗୁରୁ ଶ୍ରୀନିବାସ ଶତପଥୀ ଓ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା ହରଗୌରୀଷ୍ଟକମ୍‌ରୁ ଆରମ୍ଭ ହୋଇଥିଲା ଶେଷ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଶ୍ରୀନିବାସ ଶତପଥୀ। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୋନାଲି ମହାପାତ୍ରଙ୍କ ଦ୍ୱାରା ପ୍ରଥମେ ମଙ୍ଗଳାଚରଣ ଓ ପରେ ଅଭିନୟରେ 'ସଜନୀ ଗୋ ନ ଜାଣି ପୀରତି ଯାହା କଲି' ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ଦୁର୍ଗା ଚରଣ ରଣବୀର କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ସୁକାନ୍ତ କୁମାର କୁଣ୍ଡୁ। ଅନ୍ତିମ ପ୍ରସ୍ତୁତିରେ ସେ ରାଗ-ସାରଙ୍ଗ ଉପରେ ପର୍ଯ୍ୟବସିତ ପଲ୍ଲବୀ ମଞ୍ଚସ୍ଥ କରିଥିଲେ। ଏହାର ନୃତ୍ୟ ସଂରଚନା ନିଜେ ସୋନାଲି କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ନିର୍ମଳ କୁମାର ମହାପାତ୍ର। ଯୁଗଳବନ୍ଦୀ ପର୍ଯ୍ୟାୟରେ ଶ୍ରୀପୁଣ୍ୟା ମହାନ୍ତି ଓ ପ୍ରତାପ ବାରିକଙ୍କ ଦ୍ୱାରା ପ୍ରଥମେ ରାଗ ନାଗବଲ୍ଲୀ ପଲ୍ଲବୀ ଓ ଅଭିନୟରେ 'ଏକ ପ୍ରଣୟ', 'ମୃତ୍ୟୁର କାହାଣୀ ସୁମୁଖ' ଓ 'ଗୁଣକେଶୀ' ପରିବେଷିତ ହୋଇଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଅରୁଣା ମହାନ୍ତି ଓ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଅନ୍ତିମ ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଦଳଗତ ନୃତ୍ୟ ଭିନ୍ନ ଆକର୍ଷଣ ପାଲଟିଥିଲା। ଦଳଗତ ନୃତ୍ୟରେ ଜ୍ୟୋତ୍ସ୍ନାରାଣୀ ସାହୁ ଓ ସାଥୀ ପ୍ରଥମେ ଶିବମାୟା ବନ୍ଦନା, ପରେ ଗୀତାଭିନୟ ରସାନୁରାଗ, ଶେଷରେ ଶୁଦ୍ଧନୃତ୍ୟରେ କୀର୍ତ୍ତୀ କଳାବତୀ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁ ଓ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ।



ଉତ୍ସବର ଯୁଗଳବନ୍ଦୀ ପର୍ଯ୍ୟାୟରେ ପରିବେଷିତ ନୃତ୍ୟ।

ଅତିଥିଭାବେ ଓଡ଼ିଶା ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ସଂହତି ପାଣି ସଂଚାଳନା କରିଥିଲେ।




ସି ଭୋଟର ଓ ଏବିପି ଦେଶ୍‌କା ମୁଡ୍ ସର୍ଭେରେ ନବୀନ ପଟ୍ଟନାୟକ ଦେଶର ନମ୍ବର ୱାନ୍ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା।

# ଦୁଇ ଚୋରି ବାଇକ୍ ଜବତ, ୩ ଗିରଫ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

କମିଶନରେଟ୍ ପୋଲିସ ଶନିବାର ଦୁଇ ପୃଥକ ମାମଲାରେ ତିନିଜଣଙ୍କୁ ଗିରଫ କରିବା ସହ ୨ ଚୋରା ବାଇକ୍ ଜବତ କରିଛି। ଲକ୍ଷ୍ମୀସାଗର ଥାନାରେ ହୋଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ତମାଣ୍ଡୋର ଟିଙ୍କି ଓରଫ୍ ଅଶ୍ୱିନୀ ପ୍ରଧାନ(୨୨)ଙ୍କୁ ଗିରଫ କରିଥିବାବେଳେ ଖାରବେଳ ନଗର ଥାନା ପୋଲିସ ମସ୍‌ଜିଦ୍ କଲୋନୀରେ ରହୁଥିବା ପଶ୍ଚିମବଙ୍ଗ ମେଦିନାପୁରର ଶେଖ୍ ମୁନିରୁଲ୍ ଇସଲାମ୍ ଓ ଶେଖ୍ ମୁସ୍ତାକ୍ଅଲ୍ଲୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବିଜେବି ନଗରରେ ରହୁଥିବା ସୌମ୍ୟ ରଞ୍ଜନ ସାମନ୍ତରାୟ ଘର ସାମ୍ନାରେ ବାଇକ୍ ରଖିଥିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସେ ୧୪ ତାରିଖରେ ଅଭିଯୋଗ କରିଥିଲେ। ସେହିପରି ସତ୍ୟନଗରରେ ରହୁଥିବା ରଜତ୍ ମହାନ୍ତି ଗତ ୧୩ ତାରିଖରେ ଖାରବେଳ ଥାନା ଅଞ୍ଚଳରେ ଥିବା ଏକ ହୋଟେଲ ସାମ୍ନାରେ ବାଇକ୍ ରଖିଥିବାବେଳେ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ।

# ପୋଲିସ ଉପରେ ଆକ୍ରମଣ, ଲୁଟ୍

**ପୁରୀ ଅଫିସ,୧୬।୧**

ନରେନ୍ଦ୍ର କୋଣଠାରେ ଚଢ଼ାଉବେଳେ କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀଙ୍କୁ ଆକ୍ରମଣ ହୋଇଛି। ଏପରି କି ଆକ୍ରମଣକାରୀ ତାଙ୍କଠାରୁ ସୁନା ଚେନ ଲୁଟି ନେଇଛନ୍ତି। ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଚୋରି ଓ ବ୍ରାଉନସୁଗାର ମାମଲାରେ ଏକ ପଲସର୍ ବାଇକ ସନ୍ଧାନ କରୁଥିଲା। ନରେନ୍ଦ୍ର କୋଣ ପାଖରେ ସେଭଳି ଏକ ବାଇକ ମିଳିବା ପରେ ଉକ୍ତ ବାଇକ୍ ଚାଳକଙ୍କୁ ପଚରାଉଚରା ପାଇଁ ପୋଲିସ ଡାକିଥିଲା। ହେଲେ ଯୁବକ ସେଠାରୁ ଦୌଡ଼ି ପଳାଇଥିଲେ। ପୋଲିସ ପିଛା କରୁଥିବାବେଳେ ଯୁବକ ଜଣକ ଏକ ଘରେ ପଶିଯିବାରୁ ପୋଲିସ ଉକ୍ତ ଘରକୁ ଯାଇଥିଲା। କିନ୍ତୁ ଘରର ସ୍ତ୍ରୀ ଲୋକ ଓ ଅନ୍ୟ ସଦସ୍ୟମାନେ ଅଚାନକ ସେମାନଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ।

# ସିନେ ସାମ୍ବାଦିକ ପରିକ୍ଷିତ ଜେନାଙ୍କ ପରଲୋକ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**



ବରିଷ୍ଠ ସିନେ ସାମ୍ବାଦିକ ତଥା ଚଳଚ୍ଚିତ୍ର ପତ୍ରିକା 'ବାଣୀଚିତ୍ର'ର ପ୍ରତିଷ୍ଠାତା ସମ୍ପାଦକ ପରିକ୍ଷିତ ଜେନାଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ନୂଆପଲ୍ଲୀସ୍ଥିତ ବାସଭବନରେ ଭୋର୍ ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୪୨ ଅକ୍ଟୋବର ୨୫ରେ ଭଦ୍ରକର ମହୁରା ଗ୍ରାମରେ ଜନ୍ମଲାଭ କରିଥିବା ପରିକ୍ଷିତ ରାଜ୍ୟ ସଚିବାଳୟରେ ଚାକିରି ଜୀବନ ଆରମ୍ଭ କରି ପ୍ରଥମଶ୍ରେଣୀ ଅଫିସର ଭାବେ ଅବସର ନେଇଥିଲେ। ୧୯୬୮ରୁ ସେ 'ବାଣୀଚିତ୍ର' ପ୍ରକାଶ କରିଆସୁଥିଲେ। ଗଳ୍ପ ଲିଖନ ଓ ନାଟକ ରଚନା କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ଅବଦାନ ରହିଛି। ଏଥିପାଇଁ ସେ ଓଡ଼ିଶା ଫିଲ୍ମ ଫେୟାର ଆୱାର୍ଡ ସହ ଶୋ' ଟାଇମ ଆୱାର୍ଡ, ଚଳଚ୍ଚିତ୍ର ଜଗତ ଭୀମସିଂ ଆୱାର୍ଡ, କାଦମ୍ବିନୀ ପୁରସ୍କାର, ମିଳନୀ ପୁରସ୍କାର, ସଚିବାଳୟ ସାଂସ୍କୃତିକ ପରିଷଦ ପୁରସ୍କାର, ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର୍ସ ଆସୋସିଏଶନ ପୁରସ୍କାର ପାଇଥିଲେ।

ମୃତ୍ୟୁ ଖବର ପାଇ ଅଭିନେତା ମୁନା ଖାଁ, ପପୁ ପମ୍‌ପମ୍, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ରବିନାରାୟଣ ସେନାପତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବୈଷ୍ଣବ ଚରଣ ଜେନା, ବିଜୟ ପଣ୍ଡା, ଭାଗବତ ତ୍ରିପାଠୀ, ସଞ୍ଜୟ ଦାସ, ସଞ୍ଜୟ ପ୍ରଧାନ, ବିଜୟ ପରିଡ଼ା ଓ ସିନେ ସାମ୍ବାଦିକ ଦିଲୀପ ହାଲି ପ୍ରମୁଖ ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସାମ୍ବାଦିକ ପାର୍ଥସାରଥି ଜେନା ମୁଖାଗ୍ନି ଦେଇଥିଲେ।

# ଟ୍ରାଫିକ ଜାମ୍, ଦେଢ଼ଘଣ୍ଟା ହଟହଟା

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ରାଜଧାନୀର ବିଭିନ୍ନ ସ୍ଥାନରେ ସନ୍ଧ୍ୟାରେ ଟ୍ରାଫିକ୍ ଜାମ ସହରବାସୀଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ବିଶେଷକରି ରସୁଲଗଡରୁ ବମିଖାଲ ପର୍ଯ୍ୟନ୍ତ ରାସ୍ତାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିଳ୍ପାଞ୍ଚଳ ପ୍ରବେଶ ପଥ, ଏସ୍‌ପ୍ଲାନେଡ୍ ସମ୍ମୁଖ ଓ ଓଭରବ୍ରିଜ୍‌ର ଦୁଇ ପାର୍ଶ୍ୱର ସ୍ଥିତି ପୂରା ବିଗିଡି ଯାଉଛି। ଟ୍ରାଫିକ୍ ପୋଲିସର ଯାଞ୍ଚ ସହ ବିପର୍ଯ୍ୟସ୍ତ ରାସ୍ତା ଅବସ୍ଥା ଏ ପରିସ୍ଥିତି ସୃଷ୍ଟି କରୁଛି। ଶନିବାର ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ଟ୍ରାଫିକ ଜାମ୍ ଯୋଗୁ ଦେଢ ଘଣ୍ଟା ଧରି ଲୋକେ ହଟହଟା ହୋଇଥିଲେ। ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଯାଞ୍ଚ କରୁଥିବା ୭ଜଣ ଟ୍ରାଫିକ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା।

ରସୁଲଗଡ ଶିଳ୍ପାଞ୍ଚଳ ପ୍ରବେଶ ପଥରେ ଦୀର୍ଘଦିନ ହେବ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ରହିଛି। ପାନୀୟ ଜଳଯୋଗାଣ ପାଇପ୍ ଫାଟିଯିବା ପରେ ଉକ୍ତ ଗର୍ତ୍ତରେ ପାଣି ଭର୍ତ୍ତି ହୋଇ ରହିଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଶିଳ୍ପାଞ୍ଚଳକୁ ଯାତାୟାତ କରୁଥିବା ଗାଡ଼ିମୋଟର ଓ ଏସ୍‌ପ୍ଲାନେଡ୍ ମଲ୍‌ରୁ ବାହାରୁଥିବା ଲୋକେ ସେହିବାଟ ଦେଇ ଯାଉଥିବାରୁ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ତୁରନ୍ତ ରାସ୍ତା ମରାମତି ହେଉ ନ ଥିବାରୁ ସ୍ମାର୍ଟସିଟିର ଦୃଶ୍ୟ ବଦଳିଯାଉଛି। ଏ ନେଇ 'ଧରିତ୍ରୀ'ରେ ଶୁକ୍ରବାର ଖବର ପ୍ରକାଶ ପାଇବା ପରେ ରାସ୍ତା କାମ ଆରମ୍ଭ ହୋଇଥିଲା। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାୟାଧର ବେହେରା ୨ଦିନରେ କାମ ସାରିବାକୁ କହିଥିଲେ ମଧ ତାହା ଅଧାପନ୍ତରିଆ ରହିଛି।



ବମିଖାଲ ଓଭରବ୍ରିଜ୍ ଉପର ଓ ପାର୍ଶ୍ୱ ରାସ୍ତାରେ ଟ୍ରାଫିକ୍ ଜାମ୍।

### ବିପର୍ଯ୍ୟସ୍ତ ରାସ୍ତା ଆଣୁଛି ସମସ୍ୟା

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପିଙ୍କି



@ ପ୍ରଭାତୀ



@ ଭରତ



@ ସଂଯୁକ୍ତା



@ ପପୁ



@ ରାଧେଶ୍ୟାମ



@ ସମୀକ୍ଷା



@ ସିପୁ

## ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ବୈଠକ

ଡେଲାଙ୍ଗ,(ଡି.ଏନ୍.ଏ.): ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଶନିବାର ବେରବୋଇ ଗାନ୍ଧୀପୀଠରେ ଗାନ୍ଧୀ ସ୍ମାରକୀ ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ମାରକୀ ସମିତି ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ଅଧ୍ୟାପକ ତ୍ରିନାଥ ପରିଡା, କସ୍ତୁରବା ସଞ୍ଚାଳିକା କବିତା ରାଣୀ ପରିଡା, ବଲ୍ଲଭ ବିଶ୍ୱାଳ, ସର୍ବେଶ୍ୱର ବରେଇ, ଅଭୟଚରଣ ସାହୁ, ଭାଗୀରଥି ପରିଡା, ଅମରେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ଭକ୍ତି ପୂତ ପ୍ରଣାମ କରାଯାଇ ବୈଠକ ଆରମ୍ଭ କରାଯାଇଥିଲା। ପୀଠକୁ ପରିଷ୍କାର ପରିଚ୍ଛନ୍ନ କରିବା, ପୀଠର ଉନ୍ନତୀକରଣ ପାଇଁ ପର୍ଯ୍ୟଟନ ବିଭାଗକୁ ଜମି ପଟ୍ଟା ହସ୍ତାନ୍ତର କରାଯିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ୮ ଶହରୁ ୭୧୫ ନେଲେ ଟିକା

**ପୁରୀ ଅଫିସ,୧୬।୧:**

ପୁରୀ ଜିଲାରେ ଶନିବାର କୋଭିଡ୍-୧୯ ଟିକାକରଣ ଆରମ୍ଭ ହୋଇଛି। କରୋନା ଯୋଦ୍ଧା ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ୫୯ବର୍ଷୀୟ ବିଶ୍ୱନାଥ ମଲ୍ଲିକଙ୍କୁ ଜିଲାରେ ପ୍ରଥମେ ଟିକା ଦିଆଯାଇଛି। ଜିଲାରେ ୮ଟି ସ୍ଥାନରେ ଟିକାକରଣ ହୋଇଛି। ସମୁଦାୟ ଟିକାକରଣର ସଂଖ୍ୟା ୭୧୫ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଜଣ, ବଳିଆପଣ୍ଡାସ୍ଥିତ ଦୋଳବେଦୀ କୋଣ ସହରଞ୍ଚାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬୦ ଜଣ, ମଙ୍ଗଳପୁରରେ ୧୦୦ ଜଣ, ସତ୍ୟବାଦୀରେ ୧୦୯, ଚନ୍ଦନପୁରରରେ ୯୩, ଗୋପରେ ୯୦, ଡେଲାଙ୍ଗରେ ୮୯ ଓ କଣାସରେ ୭୦ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଏହି ଟିକାକରଣ ସପ୍ତାହ ବ୍ୟାପି ଜାରି ରହିବ। ପୁରୀକୁ କେବଳ କୋଭିସିଲ୍ଡ ଟିକା ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଜିଲା ପାଇଁ ୭ ହଜାର ଡୋଜ୍ ଟିକା ରହିଛି। ଆମେ ପର୍ଯ୍ୟାୟ କ୍ରମେ ଏହି ଟିକା ଦେବୁ। ପରବର୍ତ୍ତୀ ଟିକାକରଣ ଆସନ୍ତା ସୋମବାର ହେବ। ଏହାପରେ ଗୁରୁବାର ଓ ଶୁକ୍ରବାର ମଧ୍ୟ ଟିକାକରଣ କାର୍ଯ୍ୟ ଚାଲୁ ରହିବ। ପ୍ରଥମ ସପ୍ତାହରେ ହେବାକୁ ଥିବା ଟିକାକରଣ କେବଳ ସ୍ୱାସ୍ଥ୍ୟ କର୍ମୀମାନେ ସାମିଲ ହେବ। ସ୍ୱାସ୍ଥ୍ୟ କର୍ମୀଙ୍କ ଟିକାକରଣ ପ୍ରକ୍ରିୟା ଶେଷ ହେବା ପରେ ଅନ୍ୟ କୋଭିଡ୍ ଯୋଦ୍ଧା ଟିକା ନେବେ। ପ୍ରଥମ ଦିନରେ ଜିଲାର ଟିକାକରଣ ପ୍ରକ୍ରିୟାକୁ ନେଇ ସେ ସନ୍ତୁଷ୍ଟ ଥିବା କଥା କହିଛନ୍ତି। ଟିକାକରଣ ବ୍ୟବସ୍ଥାରେ ସାମାନ୍ୟତମ ବ୍ୟତିକ୍ରମ ଦେଖିବାକୁ ମିଳି ନ ଥିବାବେଳେ କୌଣସି ବ୍ୟକ୍ତିଙ୍କଠାରେ ମଧ୍ୟ ଟିକା ନେବାପରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିନି। ଜିଲାପାଳ ସମର୍ଥ ବର୍ମା ଟିକାକରଣ ପ୍ରକ୍ରିୟାକୁ ନେଇ କହିଛନ୍ତି ୮ ଶହ ବ୍ୟକ୍ତିଙ୍କୁ ଶନିବାର ଟିକା ଦେବା ପାଇଁ ଯୋଜନା କରିଥିଲୁ। ସ୍ୱାସ୍ଥ୍ୟଗତ ସମସ୍ୟା ଓ ଅନୁପସ୍ଥିତ ରହିବା କାରଣରୁ ୭୧୫ ଜଣ ଟିକା ନେଇଛନ୍ତି। ଜିଲାରେ ବ୍ୟବସ୍ଥିତ ଢ଼ଙ୍ଗରେ ଟକାକରଣ ହୋଇଛି। ୮୯ ପ୍ରତିଶତ ଲୋକେ ଟିକା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଗାମୀ ଟିକାକରଣ ପୂର୍ବବତ୍ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ୨୯୭ ସ୍ୱାସ୍ଥ୍ୟ କର୍ମୀ ଟିକାକରଣ କାର୍ଯ୍ୟରେ ନିୟୋଜିତ ରହିବେ। ପ୍ରଥମ ଟିକା ନେବାର ୨୮ ଦିନ ପରେ ପୁନଶ୍ଚ ସଂପୃକ୍ତ ବ୍ୟକ୍ତି ଟିକା ନେବେ।



ପୁରୀ ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ସମର୍ଥ ବର୍ମାଙ୍କ ଉପସ୍ଥିତିରେ କରୋନା ଟିକା ଦିଆଯାଉଛି ।

- ପାର୍ଶ୍ୱ ପ୍ରତିକ୍ରିୟା ନେଇ ସୂଚନା ନାହିଁ
- ପ୍ରଥମେ ସରିବ ସ୍ୱାସ୍ଥ୍ୟ କର୍ମୀଙ୍କ ଟିକାକରଣ

### ଜିଲାର ପ୍ରଥମ ଟିକା ନେଲେ ବିଶ୍ୱନାଥ

ଟିକା ନେବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଏଯାବତ୍ ଅନୁଭବ ହୋଇନି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଟିକାକରଣ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ। ଜିଲାରେ ପ୍ରଥମେ ଟିକା ନେଇଥିବାରୁ ଅତ୍ୟନ୍ତ ଖୁସି ଅନୁଭବ କରୁଛି। ଟିକାକୁ ନେଇ ସାଧାରଣ କିଛି ଭ୍ରମ ରହୁଛି। ଏସବୁକୁ ଧ୍ୟାନ ନ ଦେଇ ସମସ୍ତେ ଟିକା ନେବା ପାଇଁ ଆସନ୍ତୁ ଓ କୋଭିଡଜନିତ ସମସ୍ତ କଟକଣା ମାନନ୍ତୁ। ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଶୃଙ୍ଖଳିତ ଢ଼ଙ୍ଗରେ ଟିକାକରଣ ପ୍ରକ୍ରିୟା ଚାଲୁ ରଖିଛି। ଜିଲାପାଳ ନିଜେ ପହଞ୍ଚି ଟିକା ନେଉଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରୁଛନ୍ତି। ମୋର ବିଶ୍ୱାସ ଟିକାକରଣ ସଫଳ ହେବ।

## ସଂକ୍ଷେପରେ

### ପୋଲିସ ଉପରେ ଆକ୍ରମଣ, ଲୁଟ୍

**ପୁରୀ ଅଫିସ,୧୬।୧-** ନରେନ୍ଦ୍ର କୋଣଠାରେ ଜଣେ ଯୁବକଙ୍କୁ କାବୁ କରିବାକୁ ଯାଇଥିବାବେଳେ କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନନ୍ଦଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କଠାରୁ ସୁନା ଚେନ ମଧ୍ୟ ଲୁଟି ନେଇଯାଇଛନ୍ତି। ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଚୋରି ଓ ବ୍ରାଉନସୁଗାର ମାମଲାରେ ଏକ ପଲସର୍ ବାଇକ ସନ୍ଧାନ କରୁଥିଲା। ନରେନ୍ଦ୍ର କୋଣ ପାଖରେ ସେଭଳି ଏକ ବାଇକ ମିଳିବା ପରେ ଉକ୍ତ ବାଇକ୍ ଚାଳକଙ୍କୁ ପଚରାଉଚରା ପାଇଁ ପୋଲିସ ଡାକିଥିଲା। ହେଲେ ଯୁବକ ସେଠାରୁ ଦୌଡ଼ି ପଳାଇଥିଲେ। ପୋଲିସ ପିଛା କରୁଥିବାବେଳେ ଯୁବକ ଜଣକ ଏକ ଘରେ ପଶିଯିବାରୁ ପୋଲିସ ଉକ୍ତ ଘରକୁ ଯାଇଥିଲା। କିନ୍ତୁ ଘରର ସ୍ତ୍ରୀ ଲୋକ ଓ ଅନ୍ୟ ସଦସ୍ୟମାନେ ଅଚାନକ ପୋଲିସ ଓ ଆଇଆଇସିଙ୍କୁ ଘେରି ଆକ୍ରମଣ କରିଥିଲେ। ଏପରିକି ସେମାନଙ୍କଠାରୁ ସୁନା ଚେନ୍ ଲୁଟି ନେଇ ଯାଇଥିଲେ ।

### ଜାତୀୟ ସଡ଼କ ସୁରକ୍ଷା ମାସ ପ୍ରସ୍ତୁତି ବୈଠକ

#### ଗଡ଼ିବ ସଡ଼କ ସୁରକ୍ଷା ରଥ

**ପୁରୀ ଅଫିସ,୧୬।୧:** ଜାତୀୟ ସଡ଼କ ସୁରକ୍ଷାମାସ ପାଳନ ନିମନ୍ତେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୮ ତାରିଖରୁ ଫେବୃଆରୀ ୧୭ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ଏହି ସଡ଼କ ସୁରକ୍ଷା ମାସ ଚାଲୁ ରହିବ। ଏହି ସମୟରେ ଜିଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରି ସଡ଼କ ସୁରକ୍ଷା ମାସ ବିବରଣୀ ଦେଇଥିଲେ। ଆସନ୍ତା ୧୮ତାରିଖ ସକାଳ ସାଢ଼େ ୮ଟାରେ ଗୁଣ୍ଡିଚା ମନ୍ଦିରଠାରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ଭିଆଇପି ରୋଡ ଦେଇ ଦିଗବାରେଣୀଠାରେ ପହଞ୍ଚିବ। ସଡ଼କ ସୁରକ୍ଷା ରଥର ମଧ୍ୟ ଶୁଭାରମ୍ଭ ହେବ। ଏହି ରଥ ଜିଲାର ବିଭିନ୍ନ ବ୍ଲକରେ ବୁଲିବା ସହ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଦାନ କରିବା ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସାଇକେଲ ଶୋଭାଯାତ୍ରାର ମଧ୍ୟ ଆୟୋଜନ କରାଯିବ। ୧୯ତାରିଖରେ ବସ୍ ମାଲିକ ସଂଘ ପକ୍ଷରୁ ବସ୍ ଷ୍ଟାଣ୍ଡରେ ଗାଡ଼ି ଚାଳକଙ୍କ ନିମନ୍ତେ ଆଖି ପରୀକ୍ଷା ଶିବିର ଆୟୋଜନ କରାଯିବ। ଆସନ୍ତା ୨୧ରୁ ୨୩ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସମ୍ବନ୍ଧିତ ୱାଲ ପେଣ୍ଟିଂ କାର୍ଯ୍ୟକ୍ରମ ଆଞ୍ଚଳିକ ପରିବହନ କାଯର୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିଭଳି ୨୪ ତାରିଖରେ ଗାନ୍ଧୀଘାଟଠାରେ ପଥପ୍ରାନ୍ତ ନାଟକ, ନାଗାମେଢ଼, ଗୋଟିପୁଅ ନାଚ, ଦସ୍ତଖତ ଅଭିଯାନ ସହ ସଡ଼କ ସୁରକ୍ଷା ନିୟମ ପାଳନ କରୁଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନିତିରଞ୍ଜନ ସେନ, ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ, ଉପ ଆରକ୍ଷୀ ଅଧିକାରୀ ମନବ୍ରତ ଶତପଥୀ ଓ ଶିକ୍ଷାଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନାବାଦାମରେ ଲେଡ଼ାପୋକ ଉପଦ୍ରବ

**କଣାସ,୧୬।୧(ସ୍ୱ.ପ୍ର.):**



କଣାସ ବ୍ଲକର ଗଡ଼ବଡ଼ପୁଟ, ଗଡ଼ସାନପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ପଞ୍ଚାୟତର ଚାଷୀମାନେ ଗତବର୍ଷ ବନ୍ୟାରେ ସାରଦଧାନ ଫସଲ ହରାଇ ରବିଋତୁରେ ଚିନାବାଦାମ ଚାଷ କରିଥିଲେ। ହେଲେ ଏଥିରେ ମଧ୍ୟ ପ୍ରକୃତି ଦାଉ ସାଧିବା ଭଳି ଚିନାବାଦାମ ଗଛରେ ଲେଡାପୋକ ଲାଗି ଗଛର ସମସ୍ତ ପତ୍ର ଖାଇ ଯାଉଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ରାଜ୍ୟ ସରକାର ପୋକମାନଙ୍କୁ ଦମନ କରିବାପାଇଁ ଚାଷୀମାନଙ୍କୁ ଅଧାଦରରେ ଔଷଧ ଯୋଗାଇ ଦେବାର ବ୍ୟବସ୍ଥା କରିଥିବା ବେଳେ କୃଷି ବିଭାଗର ଗ୍ରାମସେବକମାନେ ଚାଷୀମାନଙ୍କ ନିକଟରେ ପହଞ୍ଚୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବର ଅନୁଯାୟୀ, ଗଡବଡପୁଟ ପଞ୍ଚାୟତର ବେହେଣ୍ଟା ଗ୍ରାମର ସିଦ୍ଧେଶ୍ୱର ମଙ୍ଗରାଜ ସାରଦ ଧାନ ଫସଲ ହରାଇ ବ୍ୟାଙ୍କରୁ କରଜ ଆଣି ୨ ଏକର ଚିନାବାଦାମ ଫସଲ କରିଥିଲେ। ହେଲେ କିଛିଦିନ ମଧ୍ୟରେ ଜମିରେ ଲେଡାପୋକ ଲାଗିଯିବାରୁ ସିଦ୍ଧେଶ୍ୱର ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଔଷଧ ବିକ୍ରେତାଙ୍କ ନିକଟକୁ ଯାଇ ସବ୍‌ସିଡି ଔଷଧ ମାଗିବାରୁ ବିକ୍ରେତା ଗ୍ରାମସେବକଙ୍କ ଲିଖିତ ଅନୁମତି ମାଗିଥିଲେ। ସିଦ୍ଧେଶ୍ୱର ୩ଦିନ ହେଲା କଣାସ କୃଷି କାର୍ଯ୍ୟାଳୟକୁ ଆସି ଗ୍ରାମସେବକଙ୍କ ଅନୁମତି ପତ୍ର ପାଇଁ ଅପେକ୍ଷାସତ୍ତ୍ୱେ ନ ଦେଖା କରି ନିରାଶ ହୋଇ ବସିରହିଛନ୍ତି। ଅନ୍ୟ ପଞ୍ଚାୟତରେ ମଧ୍ୟ ଅଧିକାଂଶ ଚାଷୀମାନଙ୍କର ଏହିଭଳି ପରିସ୍ଥିତି ହୋଇଥିବା ଅଭିଯୋଗ ହୋଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଚାଷୀମାନଙ୍କୁ ଲେଡାପୋକରୁ ରକ୍ଷା କରିବା ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏ ନେଇ କୃଷି ଅଧିକାରୀଙ୍କ ସହ ଟେଲିଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ତାହା ସମ୍ଭବ ହୋଇ ନ ଥିଲା।

# କଣାସରେ ଖୋଲିଲା ୩ ଧାନମଣ୍ଡି

**କଣାସ,୧୬।୧(ସ୍ୱ.ପ୍ର.):**

### ୧୧ ଚାଷୀଙ୍କଠାରୁ ୪୬୫ କୁଇଣ୍ଟାଲ ଧାନ କ୍ରୟ

କଣାସ ବ୍ଲକରେ ଶନିବାର ୩ଟି ଧାନମଣ୍ଡି ଖୋଲାଯାଇଛି। ମନ୍ଦାକିନୀ ସେବା ସମବାୟ ସମିତି, ଭରସା ସେବା ସମବାୟ ସମିତି ଓ ସୁହାଗପୁର ସେବା ସମବାୟ ସମିତି ପକ୍ଷରୁ ସରକାରଙ୍କ ନିର୍ଦ୍ଦେଶ ମତେ ଧାନମଣ୍ଡି ଖୋଲାଯାଇଛି। ମନ୍ଦାକିନୀ ସେବା ସମବାୟ ସମିତି ଧାନମଣ୍ଡିରେ ୪ଜଣ ଚାଷୀ ୧୬୫କୁଇଣ୍ଟାଲ ଧାନ ବିକ୍ରି କରିଥିବା ବେଳେ ଭରସା ସେବା ସମବାୟ ସମିତିରେ ୩ଜଣ ଚାଷୀ ୧୬୦କୁଇଣ୍ଟାଲ ଏବଂ ସୁହାଗପୁର ସେବା ସମବାୟ ସମିତିରେ ୪ଜଣ ଚାଷୀ ୧୪୦କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି। ମନ୍ଦାକିନୀ ଏବଂ ଭରସା ସେବା ସମବାୟ ସମିତି ମଣ୍ଡି ଧୂଆଁଳମଇଁନ୍ଦିପୁର ରାମ ମନ୍ଦିର ନିକଟରେ ଖୋଲିଥିବା ବେଳେ ଏହାକୁ ଏରିଆ ଅଫିସର ଲିୟାକତ୍ ଅଲ୍ଲି ଉଦ୍‌ଘାଟନ କରିଥିଲେ। ସମବାୟ ସମିତିର ସମ୍ପାଦକ ବିଚିନ୍ ପଟ୍ଟନାୟକ, ପୂର୍ବତନ ସଭାପତି ଭାସ୍କର ପାଲଟାସିଂହ, ଉମାକାନ୍ତ ପଟ୍ଟନାୟକ, ମେରୁକିଶିର ସୁନ୍ଦରାୟ, ଚନ୍ଦ୍ରମଣି ରାଉତାରାୟ, ମୋହନ ସୁନ୍ଦରାୟ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ମନ୍ଦାକିନୀ ସେବା ସମବାୟ ସମିତିର ୨୬୫ଜଣ ଚାଷୀ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିଥିବାବେଳେ ୪ଜଣଙ୍କୁ ଟୋକନ୍ ମିଳିଛି। ସେହିପରି ଭରସା ସମିତିରେ ୨୫୩ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବାବେଳେ ମାତ୍ର ୩ଜଣଙ୍କୁ ଟୋକନ୍ ମିଳିଛି। ପୁଣି ସୁହାଗପୁର ସମବାୟ ସମିତିରେ ମଧ୍ୟ ୨୨୦ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ମାତ୍ର ୫୧ଜଣଙ୍କୁ ଟୋକନ୍ ମିଳିଛି। ଅନ୍ୟ ଚାଷୀମାନଙ୍କୁ ଟୋକନ୍ ମିଳି ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ରାଜ୍ୟ ସରକାର ଚାଷୀମାନଙ୍କ ସୁବିଧା ନିମନ୍ତେ ପଞ୍ଜୀକୃତ ଚାଷୀମାନଙ୍କୁ ଶୀଘ୍ର ଟୋକନ୍ ଦେବାପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି।

# କଳାବ୍ୟାଜ ପିନ୍ଧି ସେବା କଲେ ସ୍ୱାସ୍ଥ୍ୟକର୍ମୀ

**ପିପିଲି,୧୬।୧(ସ୍ୱ.ପ୍ର.)**


କଳାବ୍ୟାଜ ପିନ୍ଧି ଟିକା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସ୍ୱାସ୍ଥ୍ୟକର୍ମୀ ।

### ନେଲେନି ଟିକା

ଭାରତରେ କୋଭିଡ୍ ଟିକା ପ୍ରଦାନର ପ୍ରଥମ ପର୍ଯ୍ୟାୟ ଶନିବାର ଆରମ୍ଭ ହୋଇଯାଇ ଥିବାବେଳେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଥମେ ଟିକା ଦେବାକୁ ସ୍ଥିର ହୋଇଥିଲା। ହେଲେ ପିପିଲିର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ୨୫ ମହିଳା ଏବଂ ୧୯ ପୁରୁଷ ସ୍ୱାସ୍ଥ୍ୟ କର୍ମୀ କରୋନା ଟିକା ନେବାକୁ ବିରୋଧ କରିଥିଲେ। କରୋନା ଟିକା ନ ନେଇ ସେମାନେ କଳାବ୍ୟାଜ ପରିଧାନ କରି ଟିକା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖି, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘର ସଦସ୍ୟା ତଥା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ସରୋଜିନୀ ନାୟକଙ୍କ କହିବା ମୁତାବକ, ରାଜ୍ୟ ସରକାର ଆମ ଦାବି ଶୁଣୁ ନ ଥିବାରୁ କେବଳ ମଙ୍ଗଳପୁର ନୁହେଁ ସମଗ୍ର ରାଜ୍ୟର ୧୫ ହଜାର ପୁରୁଷ/ମହିଳା ସ୍ୱାସ୍ଥ୍ୟକର୍ମୀ ଏହି ଟିକା ନେବୁ ନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନାରେ ସ୍ୱାସ୍ଥ୍ୟକର୍ମୀମାନେ ଦିବାରାତ୍ର କାର୍ଯ୍ୟ କରି ଆସୁଛନ୍ତି। ଏହା ସତ୍ତ୍ୱେ ସରକାର ଆମର ଦାବିକୁ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଆଜକୁ ଦୀର୍ଘ ୧୦ ବର୍ଷ ହେଲା ସଂଘ ପକ୍ଷରୁ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗକୁ ପଦବୀ ପରିବର୍ତ୍ତନ ଓ କ୍ୟାଡର ପୁନର୍ଗଠନ ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି ଫଳପ୍ରଦ ହେଉ ନାହିଁ। ଅନ୍ୟ ସରକାରୀ କର୍ମଚାରୀମାନେ ଚାକିରି କାଳ ମଧ୍ୟରେ ୪ରୁ ୭ଟି ପଦୋନ୍ନତି ପାଉଥିବା ବେଳେ ଆମେ ବହୁମୁଖି ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଚାକିରି କାଳରେ ମାତ୍ର ଗୋଟିଏ ପଦୋନ୍ନତି ପାଉଛୁ। ଏଣୁ ଦୀର୍ଘ ଦିନର ଦାବିକୁ ପୂରଣ ଦିଗରେ ପଦକ୍ଷେପ ନେବା ପାଇଁ ଆମେ ଦାବି କରୁଥିଲୁ। ମାତ୍ର ସରକାର ଆମ ପ୍ରତି କୌଣସି ବିଚାର ନ କରି ଅବହେଳା କରିଛନ୍ତି। ତେଣୁ ଆମେ କଳାବ୍ୟାଜ ପିନ୍ଧି କରୋନା ଟିକା କାର୍ଯ୍ୟକ୍ରମରେ ସହଯୋଗ କରିଛୁ ମାତ୍ର ଟିକା ନେବୁ ନାହିଁ ବୋଲି ସରୋଜିନୀ କହିଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ସାମିଲ ହୋଇ ଟିକା ପ୍ରଦାନ କାର୍ଯ୍ୟରେ ସେବା କରିଥିଲେ ହେଁ ଟିକା ନେଇ ନ ଥିଲେ।

## ନିଧି ସମର୍ପଣ ଅଭିଯାନ

**କାକଟପୁର,୧୬।୧(ଡି.ଏନ୍.ଏ.):** କାକଟପୁର ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ସହ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସମର୍ପଣ ରଥର ଶୁଭାରମ୍ଭ ହୋଇଛି। ଶ୍ରୀରାମ ଜନ୍ମଭୂମୀ ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିବା କୁପନକୁ ବିଶ୍ୱ ହିନ୍ଦୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ଭାଜପାର କର୍ମକର୍ତ୍ତାମାନେ ଘର ଘର ବୁଲି ଲୋକମାନଙ୍କୁ ରାମ ମନ୍ଦିରର ବାର୍ତ୍ତା ନେଇ ନିଧି ସଂଗ୍ରହ କରିବେ। ସେଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମଧ୍ୟ ଦିଆଯାଇଛି। ଏଥିରେ କାକଟପୁର ଖଣ୍ଡ ଅଭିଯାନ ପ୍ରମୁଖ ନଟବର ସ୍ୱାଇଁଙ୍କ ନେତୃତ୍ୱରେ ପୁରୀ ଜିଲା ଅଭିଯାନ ପ୍ରମୁଖ ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆପଦମିତ୍ରଙ୍କୁ କିଟ୍ ଦେଲା ପ୍ରଶାସନ

**ପୁରୀ ଅଫିସ,୧୬।୧:**


ଜିଲା ପ୍ରଶାସନ ପକ୍ଷରୁ ଆପଦମିତ୍ରଙ୍କୁ ଜରୁରୀ କିଟ୍ ପ୍ରଦାନ କରାଯାଉଛି ।

ଆପଦମିତ୍ର ସ୍ୱେଚ୍ଛାସେବୀଙ୍କୁ ଜରୁରିକାଳିନ ସ୍ଥିତିରେ ଶନିବାର କିଟ୍ ପ୍ରଦାନ କରାଯାଇଛି। ଜିଲାରେ ବାତ୍ୟାବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଥିବା ଆପଦମିତ୍ରଙ୍କୁ ପ୍ରଶାସନ କିଟ୍ ଯୋଗାଇଛି। ଉକ୍ତ କିଟକୁ ଓଡ଼ିଶା ରାଜ୍ୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଏହାଦ୍ୱାରା ସେମାନଙ୍କ ଦକ୍ଷତା ବିକାଶ ଓ କାର୍ଯ୍ୟଶୈଳୀରେ ଉନ୍ନତି ପରିଲକ୍ଷିତ ହେବା ସହ ଉତ୍ତମ ସେବା ଯୋଗାଇବା ସମ୍ଭବ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ କିଟ୍ ବଣ୍ଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକର ୨ଶହ ଜଣ ଆପଦମିତ୍ରଙ୍କୁ କିଟ୍ ପ୍ରଦାନ କରାଯାଇଥିଲା। କିଟ୍‌ରେ ଲାଇଫ୍ ଜ୍ୟାକେଟ୍ ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା କିଛି ଉପକରଣ ରହିଛି। ଏହି ଅବସରରେ ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ର, ଓସଡମା ଜିଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ, ଦୀନବନ୍ଧୁ ଜେନା, ବିଶ୍ୱକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ମହିଳା ପ୍ରଶିକ୍ଷଣ ଶିବିର

**ପୁରୀ ଅଫିସ,୧୬।୧:**

ପୁରୀ ସେବା ସମିତି ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ମହିଳା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମଞ୍ଚର ଅଖିଳ ଭାରତୀୟ ମହିଳା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବରିଷ୍ଠ ସଂଘ ପ୍ରଚାରକ ସରୋଜ ମିତ୍ର ସମାଜରେ ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରି କହିଛନ୍ତି, ସମାଜରେ ନାରୀକୁ ସୀମାହୀନ ସମ୍ଭାବନା ସହ ଜୋଡ଼ା ଯାଇପାରେ। ଅସମର୍ଥ ବୋଲି ମନେ କରି ସାମାଜିକସ୍ତରରେ ନାରୀ ସହ ହୋଇଥିବା ଅନ୍ୟାୟକୁ ପୋଛିବାକୁ ହେଲେ ସମାଜର ପ୍ରତିଟି ଅଂଶୀଦାରକୁ ଏନେଇ ସକରାତ୍ମକ ମନୋଭାବ ପୋଷଣ କରିବାକୁ ପଡ଼ିବ। ସ୍ୱାବଲମ୍ବୀ ମହିଳା ରାଷ୍ଟ୍ର ପ୍ରତି ଆଦର୍ଶ ହୋଇଥାନ୍ତି ଓ ସାମଗ୍ରିକ ବିକାଶରେ ସହାୟକ ହୋଇଥାନ୍ତି ବୋଲି ଅନ୍ନଦା ଶଙ୍କର ପାଣିଗ୍ରାହୀ ପାଣିଗ୍ରାହୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ମହିଳା ପ୍ରମୁଖ ଭବାନୀ ମିଶ୍ର ଓ ନଗର ମହିଳା ପ୍ରମୁଖ ସବିତା ବିଶୋୟୀ, ରୋଜାଲିନ ମିଶ୍ର, କବିତା ପ୍ରଧାନ, ଅନୀତା ସିହ୍ନା, ରୋଜାଲିନ୍ ମିଶ୍ର ଓ ମନୋଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା, ସମୂହ ଦୀପଦାନ

**ପୁରୀ ଅଫିସ,୧୬।୧:**

ଏବିପି ଓ ସିଭୋଟର ସର୍ଭେରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ବିବେଚିତ ହେବା ପରେ ପୁରୀ ବିଜେଡି ପକ୍ଷରୁ ଶନିବାର ସମୂହ ଦୀପଦାନ ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶନିବାର ଏହି ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରି ଏହି ସମୂହ ଦୀପଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଲୋକପ୍ରିୟତାର ଶୀର୍ଷରେ ରହିବା ରାଜ୍ୟବାସୀଙ୍କ ପାଇଁ ଗର୍ବର ପ୍ରସଙ୍ଗ। ରାଜ୍ୟବାସୀଙ୍କ ଭଲପାଇବା ଓ ଅକୁଣ୍ଠ ସମର୍ଥନ ତାଙ୍କୁ ଏଇ ସମ୍ମାନ ଦେବାରେ ସଫଳ ହୋଇଛି ବୋଲି ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଏବେ ଶୀର୍ଷରେ ବୋଲି ରାଜ୍ୟ ବିଜୁ ଜନତା ଦଳର ଉପ ସଭାପତି ସୁନିଲ ମହାନ୍ତି କହିଛନ୍ତି। ଏହି ସମୂହ ଦୀପଦାନ କାର୍ଯ୍ୟକ୍ରମରେ ଜିଲା ମହିଳା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ପୁରୀ ନଗର ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ବିଜେଡି ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି ।

## ୨୦ରୁ ଶିଶୁ ସମ୍ପର୍କ ଯାତ୍ରା

**ପୁରୀ ଅଫିସ,୧୬।୧:**

ଜିଲାରେ ଶିଶୁ ସମ୍ପର୍କ ଯାତ୍ରା ଆସନ୍ତା ୨୦ ତାରିଖରେ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକ୍ରମ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ହୋଇଛି। ଆୟୋଗ ଶିଶୁ ସୁରକ୍ଷା ପକ୍ଷରୁ ରାତ୍ରି ପରିଦର୍ଶନ କରାଯାଇ ବାସହୀନ ଶିଶୁଙ୍କୁ ଉଦ୍ଧାର କରାଯିବ। ଆସନ୍ତା ୨୧ ଓ ୨୨ ତାରିଖରେ ଡେଲାଙ୍ଗ ଓ କଣାସ, ପିପିଲି ବ୍ଲକ୍ ପରିଦର୍ଶନ କରି ବିଭାଗୀୟ ଅଧିକାରୀମାନେ ଶିଶୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବେ। ବିଭିନ୍ନ ଥାନାରେ ଥିବା ଶିଶୁ ସହାୟତା କେନ୍ଦ୍ର ଓ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ସ୍ଥିତି ସମୀକ୍ଷା କରିବେ। ଶିଶୁଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହେବ। ଜିଲାପାଳ ଶ୍ରୀବର୍ମା ବିଡିଓମାନଙ୍କ ସହ ଭିଡିଓ କନଫରେନ୍ସିଂରେ ଏନେଇ ଆଲୋଚନା କରିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଓ ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଏଚ୍ଆର୍‌ସିଙ୍କ ତଦନ୍ତ ଆରମ୍ଭ

**ଗୋପ, ୧୬।୧(ଡି.ଏନ୍.ଏ.):**

### କୋଣାର୍କ ବେଳାଭୂମି ମାର୍ଗରେ ହତ୍ୟା ଘଟଣା

ପୁରୀ-କୋଣାର୍କ ବେଳାଭୂମି ମାର୍ଗରେ ଯୁବକଙ୍କୁ ହତ୍ୟା ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ହତ୍ୟାର ଶିକାର ଯୁବକ ଜଣକ ହେଉଛନ୍ତି ଗୋପ ଥାନା ଅନ୍ତର୍ଗତ ନାଗପୁର ମାଳିସାହିର ଭାବଗ୍ରାହୀ ମହାପାତ୍ରଙ୍କ ପୁଅ ସୁଶାନ୍ତ (୨୪)। ଶନିବାର ଓଏଚ୍ଆର୍‌ସି ଏନ୍‌କ୍ୱାରୀ ୱିଙ୍ଗର ଅତିରିକ୍ତ ଏସ୍‌ପି ପି.କେ. କରିମଙ୍କ ନେତୃତ୍ୱରେ ଏକ ଟିମ୍ ଗୋପ ଥାନାରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯୋଗକାରୀ ଭାବଗ୍ରାହୀଙ୍କ ବୟାନ ରେକର୍ଡ କରିଛନ୍ତି। ସୁଶାନ୍ତ ୨୦୧୯ ଜୁନ ୬ ବିଳମ୍ବିତ ରାତିରେ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ସମ୍ପର୍କୀୟ ଭାଇଙ୍କ ସହ ଫେରୁଥିଲେ ମଧ୍ୟ ଘରେ ପହଞ୍ଚି ନ ଥିଲେ। ୭ ତାରିଖରେ ବାପା ଭାବଗ୍ରାହୀ ଦୁର୍ଘଟଣାରେ ପୁଅର ମୃତ୍ୟୁ ହୋଇଥିବା ଶୁଣି କଟକ ବଡ଼ ଡ଼ାକ୍ତରଖାନାରେ ପହଞ୍ଚିଥିଲେ। ମୃତଦେହର ସ୍ଥିତିକୁ ଦେଖିବା ପରେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ରାମଚଣ୍ଡୀ ଥାନା ପୋଲିସ ନଂ. ୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା ଉଲ୍ଲେଖ ଥିଲା। ଏପଟେ ପାରିବାରିକ ବିବାଦକୁ ନେଇ ତାଙ୍କ ବଡ଼ଭାଇ ପୁଅକୁ ହତ୍ୟା କରିଥିବା ନେଇ ଭାବଗ୍ରାହୀ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ଭାବଗ୍ରାହୀ କୋର୍ଟରେ ଆଶ୍ରୟ ନେବା ପରେ ଗୋପ ଥାନା ପୋଲିସ ହତ୍ୟା ମାମଲା (ନଂ.୨୨୬/୧୯) ରୁଜୁ କରି ଚୁପ୍ ବସିଥିଲା। ଠିକ୍ ତଦନ୍ତ ଓ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଭାବଗ୍ରାହୀ ଶେଷରେ ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଏଚ୍ଆର୍‌ସି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ମାମଲା (୮୩/୨୦) ରୁଜୁ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ଦୁର୍ଘଟଣାଗ୍ରସ୍ତ ବାଇକ୍ କୁଆଡେ ଗଲା। ସୁଶାନ୍ତଙ୍କ ସହ ଆସୁଥିବା ସମ୍ପର୍କୀୟ ଭାଇ ସେତେବେଳେ କି ବୟାନ ଦେଇଥିଲେ। ଦୁର୍ଘଟଣା ସ୍ଥଳରୁ କେଉଁ ଗାଡ଼ିରେ ଶୁଶାନ୍ତଙ୍କୁ ସେ କଟକ ବଡ଼ ଡ଼ାକ୍ତରଖାନାକୁ ନେଇଥିଲେ। କାହିଁକି ତାଙ୍କ ବାପା ଭାବଗ୍ରାହୀଙ୍କୁ ସମ୍ପର୍କୀୟ ଭାଇଜଣକ ଖବର ଦେଇ ନ ଥିଲେ। ତଦନ୍ତ ପରେ ସତ୍ୟ ପଦାକୁ ନିଶ୍ଚିତ ଆସିବ ବୋଲି ପରିବାର ଲୋକେ ଆଶାବ୍ୟକ୍ତ କରିଛନ୍ତି।

## ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଜଟଣୀ,(ଡି.ଏନ୍.ଏ.): ଜଟଣୀ ତହସିଲଦାର ଛୁଟିଦିନରେ ଟାଉନ ଖାସମାହାଲ ଜମି ପଟ୍ଟା ପ୍ରଦାନକୁ ନେଇ ଗତ ଗୁରୁବାର କଂଗ୍ରେସ ଓ ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। କଂଗ୍ରେସ କର୍ମୀ ତହସିଲ ଅଫିସ ଆଗରେ ଧାରଣା ଦେଇଥିବା ବେଳେ ଭାଜପା କର୍ମୀମାନେ ରାସ୍ତା ଅବରୋଧ କରିଥିଲେ। ତେବେ ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଉଭୟ ଦଳ ଆନ୍ଦୋଳନରୁ ଓହରିଥିଲେ। ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶନିବାର ବିଧାୟକ ସୁରେଶ କୁମାର ରାଉତରାୟ ସମର୍ଥକଙ୍କ ସହିତ ଜିଲାପାଳ ସନତ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ଏକ ସପ୍ତାହ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ ରାଉତରାୟ ଦାବି କରିଛନ୍ତି।

# ଟିକା ନେଲେ, ସାହସ ଦେଲେ

**ଖୋର୍ଦ୍ଧା ଅଫିସ,୧୬।୧**

ଖୋର୍ଦ୍ଧା ଜିଲାରେ ଶନିବାର ଠାରୁ ଆରମ୍ଭ ହୋଇଛି କୋଭିଡ୍ ଟିକାକରଣ। ଜିଲା ମୁଖ୍ୟଚିକିତ୍ସାଳୟ(ଡିଏଚ୍ଏଚ୍) ଟ୍ରମା କେୟାର ସେଣ୍ଟରରେ ଟିକାକରଣ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଭର୍ଚୁଆଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନ ପରେ ଜିଲାପାଳ ସନତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଏମ୍‌ସିକୁ ବାଦ୍ ଦେଇ ଜିଲାରେ ୫ଟି କେନ୍ଦ୍ରରେ ଟିକାଦାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଏହି ୫ କେନ୍ଦ୍ରରେ ୨୯୧ଜଣ ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରେ ଡିଏଚ୍ଏଚ୍‌ରେ ୧୦୪, ଜଟଣୀ ୪୭, ମେଣ୍ଢାଶାଳ ୫୦, ବାଲୁଗାଁ ୩୦ ଏବଂ ବୋଲଗଡ଼ରେ ୬୦ଜଣ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀ ଭାଗୀରଥି ନାୟକ ପ୍ରଥମେ ଟିକା ନେଇଥିଲେ। ଏହା ପରେ ଚର୍ମରୋଗ ବିଶେଷଜ୍ଞ ଡା.ହରପ୍ରସନ୍ନ ତ୍ରିପାଠୀ, ଫିଜିଓଥେରାପିଷ୍ଟ ଡା.ଦେବାଶିଷ ମଲ୍ଲିକ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ନିରଞ୍ଜନ ପ୍ରଧାନ, ଆଟେଣ୍ଡାଣ୍ଟ ବଦ୍ରି ନାରାୟଣ ସାହୁଙ୍କ ସମେତ ବହୁ ସ୍ୱାସ୍ଥ୍ୟକର୍ମୀ ଟିକା ନେଇଥିଲେ। ଜିଲାରେ ୭୭୧୮ଜଣ ଟିକା ନେବା ଲାଗି ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୧୫୦ଟି ଟିକା



ଜିଲାପାଳ ଓ ଅନ୍ୟମାନେ ପ୍ରଦୀପ ପ୍ରଜ୍ୱଳନ କରି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

- ଖୋର୍ଦ୍ଧାରେ କୋଭିଡ୍ ଟିକା ନେଲେ ୨୯୧ ଜଣ
- ସ୍ୱାସ୍ଥ୍ୟକର୍ମୀ କଳାବ୍ୟାଜ ପିନ୍ଧି କାର୍ଯ୍ୟ କଲେ, ଟିକା ନେଲେନି

ଆସିଛି। ପ୍ରତି କେନ୍ଦ୍ରରେ ଦୈନିକ ୧୦୦ଜଣ ଟିକା ନେବା ଲାଗି ବ୍ୟବସ୍ଥା କରାଯାଇଛି। ଟିକାକେନ୍ଦ୍ରରେ ୫ଜଣିଆ ଟିମ୍ ରହିଛନ୍ତି। ଥର୍ମାଲ ସ୍କ୍ରିନିଂ, ପଞ୍ଜୀକୃତଙ୍କ ପରିଚୟ ପତ୍ର ଭେରିଫିକେଶନ ପରେ କେନ୍ଦ୍ରରେ ଟିକା ନେବେ। ପରେ ନିରୀକ୍ଷଣ କକ୍ଷରେ ୩୦ମିନିଟ୍ ଅବଜରଭେଶନରେ ରହିବା ପରେ ସେମାନଙ୍କୁ ଛଡାଯାଇଛି। ଟିକା ନେଇଥିବା ସମସ୍ତ ବ୍ୟକ୍ତି ସୁସ୍ଥ ଅଛନ୍ତି। ଦ୍ୱିତୀୟ ଟିକା ୨୮ଦିନ ମଧ୍ୟରେ ଦିଆଯିବ ବୋଲି ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ସିଡିଏମ୍‌ଓ(ପରିବାର କଲ୍ୟାଣ) ଦ୍ୱାରିକାନାଥ ଶତପଥୀ, ଡିଏଚ୍ଏଚ୍ ଡିଏମ୍‌ଓ ବିଶ୍ୱରଞ୍ଜନ ମିଶ୍ର, ଡିପିଏମ୍ ଗୀତାଞ୍ଜଳି ଦାଶ, ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ନିର୍ଦ୍ଧାରିତ ଦାବି ଅନୁଯାୟୀ ବହୁମୁଖୀ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ। ପ୍ରଥମ ଦିନରେ କୌଣସି ସ୍ୱାସ୍ଥ୍ୟକର୍ମୀ ଟିକା ନେଇ ନ ଥିବା ଜଣାପଡ଼ିଛି।

### ଏମାନେ କ'ଣ କୁହନ୍ତି

“ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମ ଟିକାନେବାର ସୌଭାଗ୍ୟ ମିଳିଛି। ମୁଁ ଅତ୍ୟନ୍ତ ଖୁସି। ଟିକା ନେବା ପରେ କୌଣସି ଅସୁବିଧା ହୋଇନାହିଁ। ମୋତେ ପ୍ରଥମ ଟିକାନେବା ସୁଯୋଗ ଦେଇଥିବାରୁ ମୁଁ ସ୍ୱାସ୍ଥ୍ୟ ବିଭାଗ ଏବଂ ସରକାରଙ୍କୁ ଶୁଭେଚ୍ଛା ଜଣାଉଛି। ମୋର ଅନ୍ୟ ଭାଇମାନଙ୍କୁ ମଧ୍ୟ ଅନୁରୋଧ କରୁଛି, ସମସ୍ତେ ଠିକ୍ ସମୟରେ ଆସି ଟିକା ନିଅନ୍ତୁ।

**ଭାଗୀରଥି ନାୟକ, ସଫେଇ କର୍ମଚାରୀ**

“ ଟିକା ନେବା ପରେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏହା ଏକ ପ୍ରକ୍ରିୟା, ଏଥିରେ ଡରିବାର ଆବଶ୍ୟକ ନାହିଁ। ଅତି ଆନନ୍ଦ ଅନୁଭବ କରୁଛି। ବହୁ ଦିନ ପ୍ରତୀକ୍ଷାର ଅନ୍ତ ଘଟିଛି।

**ଡା.ହରପ୍ରସନ୍ନ ତ୍ରିପାଠୀ, ଚର୍ମରୋଗ ବିଶେଷଜ୍ଞ**

“ ପ୍ରଥମ ଦିବସରେ ଟିକା ନେବା ସୁଯୋଗ ମିଳିଥିବାରୁ ମୁଁ ଅତ୍ୟନ୍ତ ଖୁସି। ଟିଟାନସ ଟିକା ନେବା ପରି ଅନୁଭବ ହେଲା। କିଛି ଅସୁବିଧା ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ରହିଛି। ଆଶା କରୁଛି, ମୋତେ ଦେଖି ଅନ୍ୟମାନେ ମଧ୍ୟ ଉତ୍ସାହିତ ହେବେ।

**ଡା.ଦେବାଶିଷ ନାୟକ, ଫିଜିଓଥେରାପିଷ୍ଟ**

“ ଭାକ୍ସିନେଶନ ବ୍ୟତୀତ କରୋନା ମହାମାରୀର ଅନ୍ୟ ବିକଳ୍ପ ନାହିଁ। ବହୁ ଘାତ ପ୍ରତିଘାତ ପରେ ଏହି ଟିକା ଆସିଛି। ଏହା ଟିକା ନୁହଁ କରୋନା ପାଇଁ ମହୌଷଧୀ। ତେଣୁ ଡରନ୍ତୁ ନାହିଁ। ନିର୍ଭୟରେ ଟିକା ନେଇ ଯାଆନ୍ତୁ।

**ଡା. ନିରଞ୍ଜନ ପ୍ରଧାନ, ଅସ୍ଥିଶଲ୍ୟ ବିଶେଷଜ୍ଞ**

“ ଟିକା ନେଇଛି ବୋଲି କୌଣସି ଅନୁଭବ ହେଲା ନାହିଁ। ଛୁଞ୍ଚି ଫୋଡିବା ପରି ଲାଗିଲା। ଟିକା ନେବା ପରେ ୩୦ମିନିଟ ନିରୀକ୍ଷଣ କକ୍ଷରେ ରହି ଘରକୁ ଫେରିଥିଲି। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଅନ୍ୟମାନେ ମଧ୍ୟ ନିର୍ଦ୍ଧାରିତ ସମୟରେ ଆସି ଟିକା ନେବା ଲାଗି ଅନୁରୋଧ କରୁଛି।

**ବଦ୍ରିନାରାୟଣ ସାହୁ, ଆଟେଣ୍ଡାଣ୍ଟ**

“ ପୂର୍ବରୁ ଗର୍ଭବତୀ, ଶିଶୁଙ୍କୁ ଟିକା ଦେବାରେ ଅଭ୍ୟାସ ରହିଛି। କରୋନା ଟିକା ଦେବା ବେଳେ କୌଣସି ଅସୁବିଧା ହୋଇନାହିଁ। ଦୀର୍ଘ ସମୟ ଧରି ଡିଏଚ୍ଏଚ୍‌ରେ ଟିକା ଦେବା ସମୟରେ ଆନନ୍ଦ ଅନୁଭବ କରିଛି। ତେବେ ସଂଘ ନିଷ୍ପତ୍ତି ଅନୁଯାୟୀ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଛି। ସଂଘ ନିଷ୍ପତ୍ତି ଅନୁଯାୟୀ ଟିକା ନେବିନାହିଁ।

**କାଦମ୍ବିନୀ ତ୍ରିପାଠୀ, ସ୍ୱାସ୍ଥ୍ୟକର୍ମୀ**

## ସଂକ୍ଷେପରେ

### ନିର୍ମାଣାଧୀନ ବ୍ରିଜ୍ ସ୍ଥିତି ପରଖିଲେ ଜିଲାପାଳ

**ବ୍ୟବସାୟୀଙ୍କୁ ୭ଦିନ ମହଲତ**

**ଜଟଣୀ,୧୬।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ କୁଦିଆରୀ ବଜାରଠାରୁ ସୀତାରାମଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜ୍‌ର ଶନିବାର ଜିଲାପାଳ ସନତ ମହାନ୍ତି ସ୍ଥିତି ପରଖିବା ସହ କାର୍ଯ୍ୟର ତଦାରଖ କରିଛନ୍ତି। ଆସନ୍ତା ୨୩ତାରିଖରେ ସୀତାରାମ ଛକଠାରୁ ଆନ୍ଧ୍ରବ୍ୟାଙ୍କ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ଉଚ୍ଛେଦ କରାଯିବା ନେଇ ଜଟଣୀ ପୌର କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ମହାନ୍ତି, ଉପଜିଲାପାଳ ଦେବବ୍ରତ ସାହୁ, ବିଧାୟକ ସୁରେଶ କୁମାର ରାଉତରାୟ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଆରଆଣ୍ଡବି ଦୀପକ ପାଣିଗ୍ରାହୀ, ଡେପୁଟି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜୁନିୟର ଇଞ୍ଜିନିୟର ଉଦୟ ଶଙ୍କର ବେହେରା, ତହସିଲଦର ତପନ କୁମାର ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ସମେତ ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ନିର୍ମାଣସ୍ଥଳ ରାସ୍ତା ମଝିର ଉଭୟ ପାର୍ଶ୍ୱରୁ ୧୨ମିଟର ପର୍ଯ୍ୟନ୍ତ ଅବରୋଧ ହଟାଯିବ ବୋଲି ଜଣାପଡ଼ିଛି। ଏଥିସହ ବ୍ୟବସାୟୀଙ୍କୁ ୭ଦିନର ମହଲତ ଦିଆଯାଇଛି। ତେବେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ଆଠଦେଶ ଯାଦବ ମହାସଂଘର ସାଧାରଣ ବୈଠକ

**ବ୍ରହ୍ମଗିରି,୧୬।୧(ଡି.ଏନ୍.ଏ.):** ପୁରୀ ନଗରପାଳିକାର ସିଂହସ୍ଥାନ ଯାଦବ ସମିତିର ଏକ ସାଧାରଣ ବୈଠକ ଶନିବାର ବ୍ରହ୍ମଗିରିସ୍ଥିତ ଯାଦବ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଯାଦବଙ୍କୁ ନେଇ ଶଙ୍କରେଶ୍ୱର ଆଠଦେଶ ଯାଦବ ମହାସଂଘର ସ୍ୱତନ୍ତ୍ର ସାଧାରଣ ଅଧିବେଶନରେ ପ୍ରତିଦେଶରୁ ଗୁଆମୁଣ୍ଡି ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ନୂତନ ସଭାପତି ଭାବେ ବିଶିଷ୍ଟ ଶିକ୍ଷାବିତ ରାମଚନ୍ଦ୍ର ବେହେରାଙ୍କୁ ଚୟନ କରାଯାଇଥିଲା। ପରେ ଯାଦବମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକକୁ ଶଙ୍କର ବେହେରା, ଦିଗାମ୍ବର ବେହେରା, ସୋମନାଥ ବେହେରା, ଚରଣ ବେହେରା ପ୍ରମୁଖ ଯୋଗ ଦେଇ ଯାଦବମାନଙ୍କ ଏକତା, ଭାଇଚାରା ଓ ସଂହତି ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସ୍ୱୟଂ ସହାୟକ ସଭାପତି ଟଙ୍କା ନେଇ ଫେରାର

**ଯାଁଳା,୧୬।୧(ଡି.ଏନ୍.ଏ.)**

ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି ବିଭିନ୍ନ ଯୋଜନା କରୁଛନ୍ତି। ଏଥିଲାଗି ଗ୍ରାମଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ାଯାଉଛି। କେଉଁଠି ମହିଳାମାନେ ଆତ୍ମନିର୍ଭରଶୀଳ ହେଉଛନ୍ତି, ଆଉ କେଉଁଠି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଯାଁଳା ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ଥିବା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଲକ୍ଷାଧିକ ଟଙ୍କା ହଡ଼ପ କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଯାଁଳା ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଗ୍ରାମେଶ୍ୱର ନଗରରେ ଭଡ଼ାରେ ରହୁଥିଲେ। ଅଗଷ୍ଟରେ ସ୍ଥାନୀୟ ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଲୋନ ମିଳିଥିଲା। ସେଥିରୁ ୫ଜଣ ୩୦ହଜାର ଟଙ୍କା ଲେଖାଏ ନେଇଥିଲେ। ଅବଶିଷ୍ଟ ଟଙ୍କା ସଭାପତି ନିଜ ପାଖରେ ରଖିବା ସହ ଏକମାସ ମଧ୍ୟରେ ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଟଙ୍କା ଆଉ ଫେରାଇ ନ ଥିଲେ। ଏଥିସହ ସମସ୍ତ ସଦସ୍ୟଙ୍କ ଦସ୍ତଖତ ନକଲ କରି ସଭାପତି ବ୍ୟାଙ୍କରୁ ଆଉ ଟଙ୍କା ଉଠାଇ ହଡପ କରିଥିବା ଗୋଷ୍ଠୀର ସଦସ୍ୟମାନେ ଅଭିଯୋଗ ଆଣିଥିଲେ। ଟଙ୍କା ନ ଫେରାଇବାରୁ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଗତ ୫ମାସ ହେବ ସଭାପତି ଫେରାର ଥିବା ନେଇ ସମସ୍ତ ସଭ୍ୟ ଯାଁଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମଧ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଉକ୍ତ ଗୋଷ୍ଠୀର ସମ୍ପାଦକ କହିଛନ୍ତି।

## ୩ ସୁକନ୍ୟା ଗ୍ରାମ ଘୋଷିତ

**କୃଷ୍ଣପ୍ରସାଦ,୧୬।୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଉପଡାକଘର ଅଧୀନରେ ଥିବା ୩ଟି ଗ୍ରାମକୁ ଡାକ ବିଭାଗ ପକ୍ଷରୁ ଶନିବାର ସୁକନ୍ୟା ଗ୍ରାମ ଘୋଷଣା କରାଯାଇଛି। ଅଁଳାକୁଦା, ଚଢ଼େୟା ଏବଂ ସାମନ୍ତରାୟପୁର ଗ୍ରାମକୁ ପୁରୀ ଉପଡାକ ମଣ୍ଡଳର ସହଡାକ ଅଧୀକ୍ଷକ ରମେଶ ଚନ୍ଦ୍ର ସାହୁ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ଶନିବାର ୩ ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ସୁକନ୍ୟା ଯୋଜନା ସମ୍ପର୍କରେ ସହଡାକ ଅଧୀକ୍ଷକ ସାହୁ ଅବଗତ କରାଇଥିଲେ। ଏହି ଯୋଜନାରେ କେବଳ ୧୦ବର୍ଷରୁ କମ୍ ବୟସର ଝିଅମାନେ ଏହାର ସୁଯୋଗ ନେଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲୁଦ ଶାଖା ଡାକପାଳ ବାଦଲପ୍ରଭା ପ୍ରଧାନ, ତିତିପ ଶାଖା ଡାକପାଳ ସମର ଶେଖର ମାଝି, ଚିଲିକା ନୂଆପଡା ଶାଖା ଡାକପାଳ ବାଦଲ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ସମିତି ସଭ୍ୟ ସୁଜାତା ପ୍ରଧାନ, ଶିକ୍ଷାବିତ୍ ପ୍ରଦୀପ ଦାସଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ତେବେ କୃଷ୍ଣପ୍ରସାଦ ବ୍ଲକରେ ଥିବା ୭ଟି ଶାଖା ଡାକଘର ଅଧୀନରେ ୩ ହଜାରରୁ ଊର୍ଦ୍ଧ୍ୱ ସୁକନ୍ୟା ହିତାଧିକାରୀ ଥିବା ଜଣାପଡ଼ିଛି।

## ମାଣିକାଗୋଡ଼ା ଟିମ୍ ଚାମ୍ପିୟନ

**ବୋଲଗଡ଼,୧୬।୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ମାଣିକାଗୋଡ଼ା ମହିଷମର୍ଦ୍ଦିନୀ ଭଲିବଲ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଦିବାରାତ୍ର ମାଣିକାଗୋଡ଼ା ଭଲିବଲ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ମେଣ୍ଢାଶାଳ ଟିମ୍‌କୁ ହରାଇ ମାଣିକଗୋଡା ଟିମ୍ ଚାମ୍ପିୟନ ହୋଇଛି। ପ୍ରମୋଦ କୁମାର ବାରିକ, ରମାକାନ୍ତ ପଟ୍ଟନାୟକ ଓ ସୁଧାଂଶୁ କୁମାର ପାଲ୍ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସୁମନ୍ତ କୁମାର ପରିଡା ଯୋଗଦେଇ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ତାଜର ଅଲ୍ଲୀ ଖାଁ, ସମିତି ସଭ୍ୟ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରିମିୟର ଲିଗ୍‌ରେ ମେଣ୍ଢାଶାଳ, ନିମାପଡା, ଇଟାମାଟି ଓ ମାଣିକାଗୋଡା ଭଲିବଲ ଟିମ୍ ଅଂଶଗ୍ରହଣ କରିଥିଲେ।

## ଶେଷ ସନ୍ଧ୍ୟାରେ ପ୍ରଣୟ, ମୃତ୍ୟୁର କାହାଣୀ

**ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ), ୧୬।୧**

ପ୍ରଣୟ ଓ ମୃତ୍ୟୁର କାହାଣୀ ସହ ଉଦ୍‌ଯାପିତ ହୋଇଛି ଓଡ଼ିଶୀ ନୃତ୍ୟର ମହାକୁମ୍ଭ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ'। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଶନିବାର ସନ୍ଧ୍ୟାରେ ଭରପୂର ଦର୍ଶକ ଉପଭୋଗ କରିଥିଲେ। ଗୁରୁ ଶ୍ରୀନିବାସ ଶତପଥୀ ଓ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା ହରଗୌରୀଅଷ୍ଟକମ୍‌ରୁ ଆରମ୍ଭ ହୋଇଥିଲା ଶେଷ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଶ୍ରୀନିବାସ ଶତପଥୀ। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୋନାଲି ମହାପାତ୍ରଙ୍କ ଦ୍ୱାରା ପ୍ରଥମେ ମଙ୍ଗଳାଚରଣ ଓ ପରେ ଅଭିନୟରେ 'ସଜନୀ ଗୋ ନ ଜାଣି ପୀରତି ଯାହା କଲି' ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ଦୁର୍ଗା ଚରଣ ରଣବୀର କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ସୁକାନ୍ତ କୁମାର କୁଣ୍ଡୁ। ଅନ୍ତିମ ପ୍ରସ୍ତୁତିରେ ସେ



ଦୁଇ ଜଣ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

ରାଗ-ସାରଙ୍ଗ ଉପରେ ପର୍ଯ୍ୟବସିତ ପଲ୍ଲବୀ ମଞ୍ଚସ୍ଥ କରିଥିଲେ। ଏହାର ନୃତ୍ୟ ସଂରଚନା ନିଜେ ସୋନାଲି କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ନିର୍ମଳ କୁମାର ମହାପାତ୍ର। ଯୁଗଳବନ୍ଦୀ ପର୍ଯ୍ୟାୟରେ ଶ୍ରୀପୁଣ୍ୟା ମହାନ୍ତି ଓ ପ୍ରତାପ ବାରିକଙ୍କ ଦ୍ୱାରା ପ୍ରଥମେ ରାଗ ନାଗବଲ୍ଲୀ ପଲ୍ଲବୀ ଓ ଅଭିନୟରେ 'ଏକ ପ୍ରଣୟ', 'ମୃତ୍ୟୁର କାହାଣୀ ସୁମୁଖ' ଓ 'ଗୁଣକେଶୀ' ପରିବେଷିତ ହୋଇଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଅରୁଣା ମହାନ୍ତି ଓ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଅନ୍ତିମ ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଦଳଗତ ନୃତ୍ୟ ଭିନ୍ନ ଆକର୍ଷଣ ପାଲଟିଥିଲା। ଦଳଗତ ନୃତ୍ୟରେ ଜ୍ୟୋତ୍ସ୍ନାରାଣୀ ସାହୁ ଓ ସାଥୀ ପ୍ରଥମେ

### ସରିଲା ନୃତ୍ୟ ମହାକୁମ୍ଭ 'ମୁକ୍ତେଶ୍ୱର ଉତ୍ସବ'

ଶିବମାୟା ବନ୍ଦନା, ପରେ ଗୀତାଭିନୟ ରସାନୁରାଗ, ଶେଷରେ ଶୁଦ୍ଧନୃତ୍ୟରେ କୀର୍ତ୍ତି କଳାବତୀ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁ ଓ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ।

ଅତିଥିଭାବେ ଓଡ଼ିଶା ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ସଂହତି ପାଣି ସଂଚାଳନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପିଙ୍କି



@ ପ୍ରଭାତୀ



@ ଭରତ



@ ସଂଯୁକ୍ତା



@ ପପୁ



@ ରାଧେଶ୍ୟାମ



@ ସମୀକ୍ଷା



@ ସିପୁ